

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୩୧ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 31 JULY 2020

Vol.No. 30 ■ No. 192 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ପୁଣି ୧୦ ମୁଣ୍ଡ ନେଲା କରୋନା

ଭୁବନେଶ୍ୱର,୩୦।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୬୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଚାରି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ଖୋର୍ଧା ଜିଲ୍ଲାର ଦୁଇ ଜଣ, ସୁନ୍ଦରଗଡ, ସମ୍ବଲପୁର, ରାୟଗଡା ଓ ନୟାଗଡର ଜଣେ ଅଛନ୍ତି । ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାର ୬୭ ବର୍ଷୀୟ କରୋନା

ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ହାଇପର ଟେନସନ ରୋଗରେ ପୀଡିତ ଥିଲେ। ସେହିପରି ଭୁବନେଶ୍ୱରର ଜଣେ ୬୦ ବର୍ଷୀୟା ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଥିବା ସୂଚନା ଦିଆଯାଇଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ୪୩ ବର୍ଷୀୟ ପୁରୁଷ ଓ ୪୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ନୟାଗଡ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନି ଡିଜିଡରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୩୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୬୫ ବର୍ଷୀୟା କରୋନା ସଂକ୍ରମିତ ମହିଳାଙ୍କ ମଧ୍ୟ ମୃତ୍ୟୁ ଘଟିଛି । ସେ ଡାଇବେଟିସ ଓ ହାଇପର ଟେନସନରେ ପୀଡିତ ଥିଲେ । ସୁନ୍ଦରଗଡର ଜଣେ ୭୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସରେ ପୀଡିତ ଥିଲୋ । ଭୁବନେଶ୍ୱରର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସ ଓ କ୍ରନିକ କିଡନି ଡିଜିଜରେ ପୀଡିତ ଥିଲେ । ରାୟଗଡା ଜିଲ୍ଲାର ୫୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ଦିଲ୍ଲୀ ସରକାରଙ୍କୁ ଅନୁକରଣ କରନ୍ତୁ ମୁଖ୍ୟମନ୍ତ୍ରୀ : ନିରଞ୍ଜନ

ଭୁବନେଶ୍ୱର,୩୦।୭ (ନି.ପ୍ର): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ମହାଶୟ ଡିଜେଲର ୩୦ % ଭ୍ୟାଟକୁ କମେଇ ୧୬.୭୫ % କୁ ନେଇଆସିବା ଫଳରେ ଆଜି ଡିଜେଲ ତୈଳଦର ମୂଲ୍ୟ ଲିଟର ପିଛା ୮ ଟଙ୍କା ୩୬ ପଇସା କମିଯାଇଛି ।ଏହାଦ୍ୱାରା ଦିଲ୍ଲୀର ଜନସାଧାରଣ ଉପକୃତ ହେବେ ଏବଂ ସବୁ ସାମଗ୍ରୀର ମୂଲ୍ୟ କମିବ ଏତଦବ୍ୟତୀତ ଅର୍ଥ ନିତିର ଅଭିବୃଦ୍ଧି ଘଟିବ ବୋଲି ପିସିସି ସଭାପତି ପ୍ରକାଶ କରିଛନ୍ତି । ଦିଲ୍ଲୀ ଭଳି ଓଡିଶା ରାଜ୍ୟ ମଧ୍ୟ ଅର୍ଥନୈତିକ ସଙ୍କଟ ଭିତରେ ଗତି କରୁଛି । ବେକାରୀ ବେରୋଜଗାରୀ ବଢ଼ିଛି । ଲୋକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି । ଏଭଳି ଏକ କଠିନ ସମୟରେ ଦିଲୀ ସରକାର ଯେଉଁ ପଦକ୍ଷେପ ଗ୍ରହଣ କଲେ ଓଡିଶା ସରକାର ସେଭଳି କିଛି ନିଷ୍ପତି ନିଅନ୍ତୁ ବୋଲି ପିସିସି ସଭାପତି କହିଛନ୍ତି ।

ଖାଲି ସେତିକି ନୁହେଁ,ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଏହିପରି ପଦକ୍ଷେପ ରାଜ୍ୟ ସରକାର ନେଲେ ଓଡ଼ିଶାର ଜନସାଧାରଣ ନିଶ୍ଚିତ ଭାବରେ ଉପକୃତ ହେବେ । ଓଡ଼ିଶାର ଅର୍ଥନୀତିକୁ ବିକାଶ ପଥରେ ଆଗେଇ ନେବାକୁ ଓଡ଼ିଶାର ଜନସାଧାରଣ ନିଶ୍ଚିତ ଉଦ୍ୟମ କରିବେ ଓ ରାଜ୍ୟରେ ଦରଦାମ କମେଇବା ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି ।

କରୋନା ପରିଚାଳନା ପାଇଁ ୨୪୧ ପୋଷ୍ଟ ପିଜି ଡାକ୍ତରଙ୍କୁ ନିଯୁକ୍ତି

ଭୁବନେଶ୍ୱର,୩୦।୭ (ନି.ପ୍ର): ୨୪୧ ଜଣ ପୋଷ୍ଟ ପିଜି ଡାକ୍ତରଙ୍କୁ ବିଭିନ୍ନ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧିନରେ ଅବସ୍ଥାପିତ କରିଛନ୍ତି ରାଜ୍ୟ ସରକାର । କରୋନା ସ୍ଥିତିର ସୁପରିଚାଳନା ପାଇଁ ସରକାର ଜରୁରିକାଳୀନ ଭିତିରେ ଏହି ପଦକ୍ଷେପ ନେଇଛନ୍ତି । ସେମାନଙ୍କୁ ଗଂଜାମ, ଅନୁଗୁଳ , ବଲାଙ୍ଗୀର, ବାଲେଶ୍ୱର, ବରଗଡ,ଭଦ୍ରକ, ବୌଦ୍ଧ , କଟକ, ଦେବଗଡ, ଢେଙ୍କାନାଳ,ଗଜପତି, ଜଗତସିଂହପୁର,ଯାଜପୁର,ଝାରସୁଗୁଡା , କଳାହାଣ୍ଡି, କେନ୍ଦୁଝର , ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୁରଭଂଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ପୁରୀ, ରାୟଗଡା, ସମ୍ବଲପୁର,ସୋନପୁର ଓ ସୁନ୍ଦରଗଡ ଜିଲ୍ଲାରେ ଅବସ୍ଥାପିତ କରାଯିବ ।

ଆଦିତ୍ୟ ଦାସଙ୍କ ମୃତ୍ୟୁ ଘଟଣାର କ୍ରାଇମ୍ ବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି

ଭୁବନେଶ୍ୱର,୩୦।୭ (ନି.ପ୍ର): ସାମାଜିକ କର୍ମୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ଘଟଣାରେ ପୋଲିସ ମହାନିର୍ଦ୍ଦେଶକ ଅଭୟ କ୍ରାଇମ୍ ବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି ।

ଉଲ୍ଲେଖନୀୟ ଯେ ଗତକାଲି ସାମାଜିକ କର୍ମୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ମାମଲାରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଚାରି ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଜାତୀୟ ମାନବ ଅଧିକାର କମିସନ ଭୁବନେଶ୍ୱର ପୁଲିସ କମିସନଙ୍କୁ ନୋଟିସ୍ କରିଛନ୍ତି ।

ରାଜ୍ୟରେ ଗୋଟିଏ ଦିନରେ ଆଉ ୧୨୦୩ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୩୦୩୭୮ କୁ ବୃଦ୍ଧି

ଭୁବନେଶ୍ୱର,୩୦।୭ (ନି.ପ୍ର): ରାଜ୍ୟରେ ଆଉ ୧୨୦୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୩୦୩୭୮ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୨୦୩ ଜଣଙ୍କ ମଧ୍ୟରୁ ୭୫୮ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୪୪୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୨୫୦ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୫ , ବାଲେଶ୍ୱର ଜିଲ୍ଲାରେ ୨୦ ଜଣ, ବରଗଡ ଜିଲ୍ଲାରେ ୧୨, ଭଦ୍ରକ ଜିଲ୍ଲାରେ ୫୩ , ବଲାଙ୍ଗୀର ଜିଲ୍ଲାରେ ୬, ବୌଦ୍ଧ ଜିଲ୍ଲାରେ ୩, କଟକ ଜିଲ୍ଲାରେ ୯୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୮. ଢେଙ୍କାନାଳ ଜିଲ୍ଲାରେ ୩, ଗଜପତି ଜିଲ୍ଲାରେ ୭୨, ଜଗତସିଂହପୁର ଜିଲ୍ଲାରେ ୮, ଯାଜପୁର ଜିଲ୍ଲାରେ ୬୪, କଳାହାଣ୍ଡି ଜିଲ୍ଲାରେ ୪. କନ୍ଧମାଳ ଜିଲ୍ଲାରେ ୧୪, କେନ୍ଦ୍ରାପଡା ଜିଲ୍ଲାରେ ୧୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୧୧, ଖୋର୍ଧା ଜିଲ୍ଲାରେ ୨୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୬୬ ଜଣ, ମାଲକାନଗିରି ଜିଲ୍ଲାରେ ୬୫, ମୟୁରଭଂଜ ଜିଲ୍ଲାରେ ୧୬, ନବରଙ୍ଗପୁରରେ ୪, ନୟାଗଡ ଜିଲ୍ଲାରେ ୨୪, ପୁରୀ ଜିଲ୍ଲାରେ ୯, ରାୟଗଡା ଜିଲ୍ଲାରେ ୪୫, ସମ୍ବଲପୁର ଜିଲ୍ଲାରେ ୪୦, ସୋନପୁର ଜିଲ୍ଲାରେ ୪ ତଥା ସୁନ୍ଦରଗଡ ଜିଲ୍ଲାରେ ୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

କରୋନାରେ ମୃତ ୨ ସାମ୍ବାଦିକଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦ ଜୁଲାଇ - କରୋନାରେ ପ୍ରାଣ ହରାଇଥିବା ରାଜ୍ୟର ୨ ସାମ୍ବାଦିକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ମଂଜୁର କରିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି । କରୋନା ଯୋଦ୍ଧା ଭାବେ ମୃତ୍ୟୁବରଣ କରିଥିବା ଦୁଇ ସାମ୍ବାଦିକ ହେଲେ ଗଞ୍ଜାମ ଜିଲ୍ଲାର 'ସମାଜ' ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ ଏବଂ ଗଜପତି ଜିଲ୍ଲାର 'ନ୍ୟୁଜ୍ ଟୁଡେ ପ୍ରାଇଭେଟ୍ ଲିମିଟେଡ୍'ର ପ୍ରତିନିଧି କେ.ସିଏଚ୍. ରତ୍ନମ । ଏହି ଦୁଇ ଗଣମାଧ୍ୟମ ପ୍ରତିନିଧି ମହାମାରୀକୁ

ଭ୍ରୁକ୍ଷେପ ନକରି କାର୍ଯ୍ୟ କରୁଥିବାବେଳେ କରୋନା ଆକ୍ରାନ୍ତ ହୋଇଥିଲେ । ପରେ ତାଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱରର କୋଭିଡ ହସ୍ପିଟାଲରେ ଭର୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଟୁଇଟ୍ କରି ଉଭୟଙ୍କ ପରିବାରକୁ ସହାୟତା ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ।ସୂଚନାଯୋଗ୍ୟ, ଓଡ଼ିଶା ସରକାର ସାମ୍ବାଦିକଙ୍କର କରୋନାରେ ମୃତ୍ୟୁ ହେଲେ ୧୫ ଲକ୍ଷ ଟଙ୍କାର ସହାୟତା ତାଙ୍କ ପରିବାରକୁ ସହାୟତା ଦିଆଯିବ ବୋଲି ଘୋଷଣା କରିଥିଲେ ।

ଭୁବନେଶ୍ୱରରୁ ଆଉ ୧୦୫ କରୋନା ପଜିଟିଭ୍

ଭୁବନେଶ୍ୱର, ୩୦ ଜୁଲାଇ - ଭୁବନେଶ୍ୱର ସହରରୁ ଗୁରୁବାର ଆଉ ୧୦୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ୫୯ ଜଣ କ୍ୱାରେଂଟାଇନ୍ ରୁ ଠାବ ହୋଇଥିବା ବେଳେ ୪୬ ଜଣ ଲୋକାଲ କେସ୍ ରହିଛନ୍ତି । ଅନ୍ୟପକ୍ଷରେ ଆଜି ଗୋଟିଏ ଦିନରେ ୧୨୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସେହିପରି ଗୁରୁବାର ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୬୦୦ ଟପି ୨୬୦୭ ହୋଇଛି । ସେମାନଙ୍କ ମଧ୍ୟରୁ ୧୩୩୯ ଜଣ ସୁସ୍ଥ ହୋଇଥିବା ବେଳେ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ବର୍ତମାନ ୧୨୫୧ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି ।

କୃଷି ବୀମା ଦାଖଲ ସମୟ ସୀମା ବୃଦ୍ଧି ପାଇଁ ପିସିସି ସଭାପତିଙ୍କ ଦାବି

ଭୁବନେଶ୍ୱର,୩୦।୭ (ନି.ପ୍ର): କରୋନା ପରିସ୍ଥିତି ରେ କୃଷି ବୀମା ଦାଖଲ ସମୟସୀମା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି । ରାଜ୍ୟର ଚାଷୀମାନେ ବହୁ ଅଂଚଳରେ ଏ ପର୍ଯ୍ୟନ୍ତ ଧାନର ବିକ୍ରୟ ମୂଲ୍ୟ ପାଇପାରିନାହାନ୍ତି । ତେଣୁ ଚାଷୀଙ୍କ ଧାନ ବିକ୍ରୟ ମୂଲ୍ୟ ପ୍ରଦାନ ପାଇଁ ସରକାର ତୁରନ୍ତ ବ୍ୟବସ୍ଥା କରନ୍ତୁ ବୋଲି ପିସିସି ସଭାପତି ଅନୁରୋଧ କରିଛନ୍ତି । କୋଭିଡ ଦୁରାରୋଗ ନିବାରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ସରକାରୀ ଆର୍ଥିକ ନେଣଦେଣ କାଂଟଛାଂଟ ଓ ଅନାଦେୟକୁ ଗ୍ରହଣ କରିଥିବା ବେଳେ ଚାଷୀଙ୍କ ଠାରୁ କୃଷି ବୀମା ଅର୍ଥ ପୈଠ କରିବା ପାଇଁ ଚାଷୀଙ୍କୁ ଚଳିତ ମାସ ଜୁଲାଇ ୩୧ ତାରିଖ ସୁଦ୍ଧା ସମୟ ନିର୍ଘଂଟ କରିବା ଚାଷୀ ବିରୋଧୀ ନୀତି ।କରୋନା ମହାମାରି ପାଇଁ ଦୀର୍ଘଦିନ ଧରି କେନ୍ଦ୍ର ଓ ରାଜ୍ୟସରକାର ଙ୍କ ଲକଡାଉନ, ସଟଡାଉନ କଟକଣା ପାଇଁ ଚାଷ କାର୍ଯ୍ୟ ସମେତ କୃଷି ଜାତ ଦ୍ରବ୍ୟ ବ୍ୟବସାୟ ମଧ୍ୟ ଠପ ହୋଇଯାଇଛି ।ଫଳରେ ଚାଷୀମାନେ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି ।

ନୂଆ ଶିକ୍ଷା ନୀତି ଶିକ୍ଷା ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପଦକ୍ଷେପ :ସମୀର ମହାନ୍ତି

ଭୁବନେଶ୍ୱର,୩୦।୭ (ନି.ପ୍ର): କେନ୍ଦ୍ର କ୍ୟାବିନେଟ ବୈଠକରେ ଜାତୀୟ ଶିକ୍ଷା ନୀତି ୨୦୨୦କୁ ମଞ୍ଜୁରି ମିଳିଛି । ଏହା ଦେଶରେ ଉଭୟ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାରମୂଳକ ପରିବର୍ତନ ଆଣିପାରିବ । ଏହା ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷା ନୀତି ଯାହା ୩୪ ବର୍ଷ ପୁରୁଣା ଜାତୀୟ ଶିକ୍ଷା ନୀତି, ୧୯୮୬ ସ୍ଥାନରେ ଲାଗୁ ହେବ । ଏହି ନୀତି ମାଧ୍ୟମରେ ଭାରତକୁ ଏକ ଉଜ୍ଜ୍ୱଳ ଜ୍ଞାନ ସମାଜ ଏବଂ ବୈଶ୍ୱିକ ଜ୍ଞାନ ମହାଶକ୍ତି ଭାବେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ନୀତି ଦେଶର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଶିକ୍ଷାକୁ ଆହୁରି ସାମଗ୍ରିକ, ନମନୀୟ, ବହୁବିଷୟକ

କରିବା ସହିତ ଏକବିଂଶ ଶତାବ୍ଦୀର ଆବଶ୍ୟକତାର ଆବଶ୍ୟକତା ପ୍ରତି ଧ୍ୟାନ ଦେବ । ଏଭଳି ଏକ ଐତିହାସିକ ଶିକ୍ଷା ନୀତି ଆଣିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ରମେଶ ପୋଖରିଆଲ ନିଶଙ୍କ ଙ୍କୁ ବିଜେପି ରାଜ୍ୟ ସଭାପତି ସମୀର

▶▶ପୃଷ୍ଠା ୭

ମିଛ ଖବର ପ୍ରଚାର କରୁଛି ରାଜ୍ୟ ବିଜେପି : ବିଜେଡି

ଭୁବନେଶ୍ୱର, ୩୦ ଜୁଲାଇ - ମିଛ ଖବର ପ୍ରଚାର କରିବାରେ ରାଜ୍ୟ ବିଜେପି ନେତାମାନେ ଏବେ ସବୁ ସୀମା ଟପିଗଲେଣି । ବିଜେପି ନେତା ଭୃଗୁ ବକ୍ସିପାତ୍ରଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଏହା କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ଗତ ତିନି ଚାରି ମାସ ଧରି ଆଶା, ଅଙ୍ଗନବାଡିକର୍ମୀ, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୁଲିସ ଓ ସରକାରୀ କର୍ମଚାରୀମାନେ କରୋନା କବଳରୁ ଲୋକଙ୍କ ଜୀବନ ବଂଚାଇବାପାଇଁ ଦିନ ରାତି କାର୍ଯ୍ୟ କରୁଛନ୍ତି କିନ୍ତୁ ବିଜେପି ନେତା ସାମ୍ବାଦିକ ସମ୍ମିଳନୀ ଜରିଆରେ ସେମାନଙ୍କ କାର୍ଯ୍ୟକୁ ତାତ୍ସଲ୍ୟ କରିବାରେ ଲାଗିଛନ୍ତି । କରୋନା ବିରୁଦ୍ଧ ଲଢେଇ ପାଇଁ ଗଞ୍ଜାମ ଜିଲ୍ଲାକୁ ଡେପୁଟେସନରେ ଯାଉଥିବା ଡାକ୍ତରମାନଙ୍କୁ କିଭଳି ବିରୋଧ ହେଉଛି ତାହା ସମସ୍ତେ ଦେଖୁଛନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ ଗଞ୍ଜାମ ଜିଲ୍ଲାରେ ମହାମାରୀ ନିୟନ୍ତ୍ରଣ ଲାଗି ଅଧବ୍ଲକ ଡାକ୍ତର ନିଯୁକ୍ତି ହେବା ସେମାନେ ଚାହାନ୍ତି ନାହିଁ । ଗତକାଲି ମଧ୍ୟ ବିରୋଧିଦଳ ନେତା କରୋନା ଯୁଦ୍ଧରେ ଗଞ୍ଜାମକୁ ସମର୍ଥନ କରିନଥିଲେ । ଏଥିରୁ ମଧ୍ୟ ବିଜେପିର ମନୋଭାବ ପଦାରେ ପଡିଯାଇଛି । ଦେଶରେ ପ୍ରତି ଦୁଇ ଦିନରେ ଲକ୍ଷେ ସଂକ୍ରମିତ କରୋନା ତାଲିକାରେ ଯୋଡିହୋଇ ଯାଉଛନ୍ତି । ଯେଉଁ ହାରରେ କରୋନା ରୋଗୀ ବଢୁଛନ୍ତି ସେଥିରୁ ବିଶ୍ୱ କରୋନା ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ପହଂଚିବାର ସମ୍ଭାବନା ଉପୁଜିଲାଣି । ଏଭଳି ସ୍ଥିତିରେ ଶ୍ରୀ ବକ୍ସିପାତ୍ର ଗଞ୍ଜାମ ଜିଲ୍ଲାରେ କରୋନା ମୁକାବିଲାରେ ଲାଗିଥିବା ଯୋଦ୍ଧାମାନଙ୍କ ପ୍ରତି ତାତ୍ସଲ୍ୟ ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡକ୍ଟର ପାତ୍ର କହିଛନ୍ତି । ସଫଳ କରୋନା ମୁକାବିଲା ପାଇଁ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହେଉଛି । ନିକଟରେ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଅଧ୍ୟୟନରୁ ଜଣାପଡିଛି ଯେ କରୋନା ପରିଚାଳନା ଓ ତଥ୍ୟ ପ୍ରଦାନ କ୍ଷେତ୍ରରେ ଓଡିଶା ଦେଶର ଶ୍ରେଷ୍ଠ

ମାଟ୍ରିକ ପରୀକ୍ଷାରେ ପୁରୀ ଜିଲ୍ଲାସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିରର ସଫଳତା

ପୁରୀ,୩୦।୭ (ନି.ପ୍ର): ପୁରୀ ଜିଲ୍ଲାସ୍କୁଲ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୫୫ ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ସମୁଦାୟ ୩୧୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୯୬ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ଏ-୧ ଗ୍ରେଡ୍ ରେ ଶୁଭଲକ୍ଷ୍ମୀ ପରିଡା, ସୁଦିପ୍ତା ସାହୁ ଓ ରୋହିତ ପୃଷ୍ଟି ସ୍ଥାନ ପାଇଛନ୍ତି । ସେହିପରି ଏ-୨ରେ ୧୬ ଜଣ ବିଦ୍ୟାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି । ପୁରୀ ଜିଲ୍ଲାସ୍କୁଲ ୨୦୧୭ ମସିହାରେ ୮୧ ପ୍ରତିଶତ ବିଦ୍ୟାର୍ଥୀ ପାସ୍ କରିଥିବା ବେଳେ, ୨୦୧୮ରେ ୯୨ ପ୍ରତିଶତ, ୨୦୧୯ରେ ୮୫ ପ୍ରତିଶତ ଓ ୨୦୨୦ରେ ୯୫ ପ୍ରତିଶତ ପାସ୍ ହାରର ସଫଳତା ପାଇଛି । ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିମୟୀ ମିଶ୍ର, ସଂସ୍କୃତ ପଣ୍ଡିତ ବିଦ୍ୟାଧର ମିଶ୍ର ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ । ପୁରୀ ମଧୁବନ ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀମାନେ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ରତିପ୍ରଜ୍ଞା ଦାସ, ଆଶୁତୋଷ ଜେନା, ଲକ୍ଷ୍ମୀପ୍ରିୟା ରାଉତ, ଆଦିତ୍ୟ ପ୍ରସାଦ ପଣ୍ଡା ଏ୧ରେ ଉତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ସମୁଦାୟ ୮୨ଜଣ ବିଦ୍ୟାର୍ଥୀ ପାସ୍ କରିଛନ୍ତି । ସେଥିମଧ୍ୟରୁ ଏ-୧ର ୪ଜଣ, ଏ-୨ରେ ୧୦ ଜଣ, ବି-୧ରେ ୧୬ ଜଣ, ବି-୨ ରେ ୧୭ ଜଣ, ସିରେ ୧୪ ଜଣ, ଡି ଗ୍ରେଡ୍ ରେ ୧୬ ଜଣ ଓ ଇ ଗ୍ରେଡ୍ ରେ ୫ ଜଣ ପାସ୍ କରିଛନ୍ତି । ଶିକ୍ଷକ ଶିକ୍ଷୟିତ୍ରୀମାନେ ସମସ୍ତ ବିଦ୍ୟାର୍ଥୀମାନଙ୍କ ଉତୋରତର ଉନ୍ନତି କାମନା କରିଛନ୍ତି ।

କେନ୍ଦୁଝର :ଯୌତୁକ ଜନୀତ ବଧୂ ହତ୍ୟା ଘଟଣାରେ ସ୍ୱାମୀ ପରେ ଫେରାର ଶାଶୁ ଗିରଫ

କେନ୍ଦୁଝର,୩୦।୭ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଖଣି ଉପତ୍ୟକା ଭାବେ ପରିଚିତ ଯୋଡା ଥାନା ଅନ୍ତର୍ଗତ ପଶ୍ଚିମ ଯୋଡା ଟାଟା କମ୍ପାନୀଙ୍କ ସିଗ୍ରୀଗେସନ କଲୋନୀରେ ଗତ ମେ ମାସ ୨୯ତାରିଖ ଦିନ ଏକ ଅଭାବନୀୟ ଘଟଣା ଘଟିଥିଲା । ସେହି କଲୋନୀରେ ଜଣେ ନବବିବାହୀତା ବଧୁ କୁ ହତ୍ୟା କରାଯାଇଥିବା ବେଳେ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ ହୋଇଥିଲା । ଏବଂ ଏହି ହତ୍ୟା ଘଟଣାରେ ଏଥିରେ ତାଙ୍କର ସ୍ୱାମୀ ଏବଂ ଶାଶୁ ସଂପୃକ୍ତ ଥିବା ଅଭିଯୋଗ ହୋଇଥିଲା । ତେବେ ପ୍ରାଥମିକ ତଦନ୍ତ ପରେ ଯୋଡା ପୁଲିସ ଏହି ଘଟଣାରେ ସ୍ୱାମୀ ମାନସ ରଞ୍ଜନ ସାହୁଙ୍କୁ ଜୁନ ମାସ ୬ ତାରିଖ ଦିନ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିନ୍ତୁ ତା ପରଠାରୁ ମାନସଙ୍କ ମା ସାବିତ୍ରୀ ସାହୁ ଫେରାର ହୋଇ ଯାଇଥିଲେ । କିନ୍ତୁ ପରବର୍ତି ଅବସ୍ଥାରେ ପୁଲିସ ସାବିତ୍ରୀଙ୍କୁ ତାଙ୍କ ଦେବଗଡ ଜିଲ୍ଲା ବାରକୋଟ ଅଞ୍ଚଳରୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଅଛି । ଘଟଣାନୁଶାରେ ଗତ ମେ ମାସ ୨୯ ତାରିଖରେ ପଶ୍ଚିମ ଯୋଡା ଟାଟା କମ୍ପାନୀଙ୍କ ସିଗ୍ରୀଗେସନ କଲୋନୀରେ ସ୍ୱାମୀ ସହ ରହୁଥିବା ନବବିବାହୀତା ଶିବାନୀ ସାହୁ ଙ୍କୁ ହତ୍ୟା କରାଯାଇଥିବା ଜଣାପଡିଥିଲା । ତେବେ ଶିବାନୀଙ୍କ ସ୍ୱାମୀ ମାନସ ରଞ୍ଜନ ସାହୁ ଶିବାନୀ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରଥମେ କହିଥିବା ବେଳେ ମୃତକ ଶିବାନୀ ରକ୍ତ କୁଡୁବୁଡୁ ହୋଇ ତଳେ ପଡିଥିବା କାରଣରୁ ଏହା ଏକତ ହତ୍ୟା ଘଟଣା ବୋଲି ପୁଲିସ ସନ୍ଦେହ କରିଥିଲା । ଘଟଣାଟି ଘଟିବା ପରେ ମାନସ ପ୍ରଥମେ ଶିବାନୀର ବାପାଙ୍କୁ ଶିବାନୀ ବାଥରୁମରେ ପଡିଯିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିବା କଥା କହିଥିବା ବେଳେ ପରେ ପରେ ଶିବାନୀ ରଶି ଲଗାଇଥିବା ଆତ୍ମହତ୍ୟା କରିଥିବା କଥା କହିଥିଲେ । କିନ୍ତୁ ଜ୍ୱାଇଁର କଥାରେ ତାଳମେଳ ରହୁନଥିବାରୁ ଶିବାନୀର ବାପା ଭୋଳେଶ୍ୱର ସାହୁ ଯୋଡା ଥାନାରେ ଯୌତୁକ ଜନୀତ ହତ୍ୟା କରାଯାଇଥିବାର ଏକ ଲିଖିତ ଅଭିଯୋଗ କରିଥିଲେ । ଗତ ବର୍ଷ ଫେବୃୟାରୀ ମାସ ୨୩ ତାରିଖରେ ତେଲକୋଇ ଅଞ୍ଚଳର ଭୋଳେଶ୍ୱର ସାହୁଙ୍କ ଝିଅ ଶିବାନୀ ସାହୁଙ୍କର ବାରକୋଟ ଅଞ୍ଚଳର କୋଲା ଗ୍ରାମର ଅଖିଳ ସାହୁଙ୍କ ପୁଅ ମାନସ ରଞ୍ଜନ ସାହୁଙ୍କ ସହିତ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଥିଲା । ବିବାହ ସମୟରେ ଭୋଳେଶ୍ୱର ନଗଦ ୫୦ ହଜାର ଟଙ୍କା ଏବଂ ଝିଅକୁ ସମସ୍ତ ଗହଣା ଗାଣ୍ଠି ଦେଇ ବିବାହ ଦେଇଥିଲେ । ମାନସ ଇଷ୍ଟର୍ଣ୍ଣ କଷ୍ଟ୍ରକ୍ସନ ନାମକ ଟାଟା କମ୍ପାନୀଙ୍କ ଏକ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ , ଶିବାନୀ ସହ ମାନସ ରଞ୍ଜନ ସାହୁ ଉଭୟ ପଶ୍ଚିମ ଯୋଡାସ୍ଥିତ ଟାଟା କମ୍ପାନୀ କଲୋନୀର ଏକ କ୍ୱାଟରରେ ରହୁଥିଲେ । ବିବାହର ୧ ବର୍ଷ ପରେ ସେମାନଙ୍କର ଏକ ମୃତ ପୁତ୍ର ସନ୍ତାନ ଜାତ ହୋଇଥଲା । କିନ୍ତୁ କରୋନା କାରଣରୁ ସଂପୃକ୍ତ ଠିକା କମ୍ପାନୀରେ ଦୀର୍ଘ ଦିନ ଧରି କାମ ବନ୍ଦ ହୋଇଯାଇଥିଲା । ଫଳରେ ମାନସଙ୍କ ଅର୍ଥିକ ଅବସ୍ଥା ଦିନକ ଦିନ ବିଗିଡିବାରେ ଲାଗିଥିଲା । ଫଳରେ ମାନସ ବାପାଙ୍କ ପାଖରୁ ଟଙ୍କା ଆଣିବା ପାଇଁ ଶିବାନୀ ଙ୍କ ଉପରେ ବାରମ୍ବାର ଚାପ ପକାଉଥିଲେ । ଜ୍ୱାଇଁଙ୍କ ଆର୍ଥିକ ଅବସ୍ଥାକୁ ଦେଖି ଶିବାନୀଙ୍କ ବାପା ସେମାନଙ୍କ ଚଳିବା ପାଇଁ ମାସକୁ ମାସ କିଛି କିଛି ଅର୍ଥ ସାହାଯ୍ୟ ମଧ୍ୟ କରୁଥିଲେ । ତେବେ ଶିବାନୀକୁ ଅଧିକ ଅର୍ଥ ଆଣିବା ପାଇଁ ସ୍ୱାମୀ ସବୁ ବେଳେ ତାଗିଦ କରିଆସୁଥିଲେ । ଶିବାନୀଙ୍କ ହତ୍ୟା ଘଟଣା ସକାଳେ ଘଟିଥିବା ବେଳେ ମାନସ ଶ୍ୱଶୁରଙ୍କୁ ଙ୍କୁ ସକାଳ ୧୦ ଘଟିକା ସମୟରେ ଫୋନ କରି ଶିବାନୀ ବାଥରୁମରେ ପଡି ତାଙ୍କର ମୁଣ୍ଡ ଫାଟିଯାଇଥିବା କଥା କହି ତାଙ୍କୁ ଟାଟା ଡାକ୍ତରଖାନାରେ ଭର୍ତି କରାଯାଇଥିବା କହିଥିଲେ । ତେବେ ଶ୍ୱଶୁର ଭୋଳେଶ୍ୱର ସାହୁ ତେଲକୋଇରୁ ଆସି ଦିନ ୩ଟା ବେଳେ ଜ୍ୱାଇଁର ଘରେ ପହଞ୍ଚିବା ତାଙ୍କର ଝିଅ ମରିପଡିଥିବା ଜାଣିବାକୁ ପାଇଥିଲେ । ଖବର ପାଇ ମାନସ ରଞ୍ଜନ ସାହୁଙ୍କ ବାପା ଅଖିଳ ସାହୁ ଏବଂ ତାଙ୍କ ସ୍ତ୍ରୀ ମଧ୍ୟ ବାରକୋଟରୁ ଆସି ସେଠାରେ ପହଞ୍ଚିଥିଲେ । ତେବେ ଘଟଣାଟି ସକାଳ ୭ଟା ବେଳେ ଘଟିଥିବା ବେଳେ ସେମାନେ ଯୋଡା ପୁଲିସକୁ ସନ୍ଧ୍ୟା ୬ଟା ବେଳେ ଏହା ଜଣାଇଥିଲେ । ମାନସ ତାଙ୍କ ମା ଙ୍କ ପ୍ରରୋଚନାରେ ଶିବାନୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ଯୋଡା ପୁଲିସ ବାରକୋଟ ଅଞ୍ଚଳରୁ ମାନସର ମା ସାବିତ୍ରୀ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପାଣିରେ ବୁଡି ୬ ବର୍ଷର ଶିଶୁ ମୃତ

ନୂଆପଡା,୩୦।୭ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଲିଆଡ ଗ୍ରାମରେ ଆଜି ଏକ ୬ ବର୍ଷର ଶିଶୁ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଏହି ଥାନା ଅନ୍ତର୍ଗତ କୋପିଆ ଗ୍ରାମର ଭରତ ତାଣ୍ଡି ନାମକ ଜଣେ କେନ୍ଦୁପତ୍ର ବନ୍ଧାଳୀ ଲିଆଡ ସ୍ଥିତ କେନ୍ଦୁପତ୍ର ଫଡିରେ କିଛିଦିନ ହେଲା ସପରିବାର କେନ୍ଦୁପତ୍ର ବନ୍ଧା କାମରେ ନିୟୋଜିତ ଥିଲେ । ଆଜି କେନ୍ଦୁପତ୍ର ବାନ୍ଧୁଥିବା ବେଳେ ତାଙ୍କ ୬ ବର୍ଷର ପୁଅ ନିକଟସ୍ଥ ଏକ ମୋରୁମ ଖୋଦାନକୁ ଯାଇ ସେଠାରେ ପାଣିରେ ବୁଡି ମରିଥିବା ସିନାପାଲି ଥାନାରେ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ସିନାପାଲି ଥାନାରେ ୧୫/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରୀ ରହିଥିବା ନେଇ ସିନାପାଲି ଥାନାଧିକାରୀ ଜ୍ୟୋତିରଞ୍ଜନ ଗୌଡ ପ୍ରକାଶ କରିଛନ୍ତି ।

ଜିଲ୍ଲା ଓଏଏସ୍ ସଂଘ ପକ୍ଷରୁ ସ୍ମୃତିସଭା

ଭଦ୍ରକ, ୩୦/୭ (ହି.ସ.) - ସମଗ୍ର ବିଶ୍ୱ କରୋନାରେ କବଳିତ ହୋଇଛି । ଆମ ରାଜ୍ୟ ଓଡିଶା ମଧ୍ୟ ସେଥିରୁ ବାଦ୍ ଯାଇନାହିଁ । ଏହି ମହାମାରୀ ମୁକାବିଲାରେ ରାଜ୍ୟ ସରକାରଙ୍କ ସମସ୍ତ ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ କରୋନା ଯୋଦ୍ଧା ସାଜି ଦିନରାତି କାର୍ଯ୍ୟ କରିଚାଲିଛନ୍ତି । ତେବେ ଏହି କାର୍ଯ୍ୟରେ ସାମିଲ ଥାଇ ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ କରୁଣାକର ରାଇକାଙ୍କ ଦେହାନ୍ତ ହୋଇ ଯାଇଛି । ଏ ନେଇ ଭଦ୍ରକ ଜିଲ୍ଲା ଓଏଏସ ସଂଘ ଗଭୀର ଶୋକ ପ୍ରକଟ କରିବା ସହ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ଶୋକସଭା କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ଉପସ୍ଥିତ ସଦସ୍ୟ ସଦସ୍ୟମାନେ ପ୍ରଥମେ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥି ସହିତ ରାଜ୍ୟ ଓଏଏସ ସଂଘ ଭବନରେ ସ୍ୱର୍ଗତ ରାଇକିଆଙ୍କ ଏକ ଫଟୋଚିତ୍ର ସ୍ଥାନିତ କରିବାକୁ ସର୍ବସମ୍ମତ କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ବ୍ୟତୀତ ଗଜପତି ସହରର ଏକ ରାସ୍ତାକୁ ସ୍ୱର୍ଗତ ରାଇକିଆଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ଶୋକସଭାରେ ଅନ୍ୟତମ ଅତରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲା ଜରୁରୀ ଅଧିକାରୀ ତଥା ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତି, ଡେପୁଟି କଲେକ୍ଟର ମନୋରମା ଜାଲି, ଡେପୁଟି କଲେକ୍ଟର ପ୍ରଦୋଷ ମହାନ୍ତି, ଡେପୁଟି କଲେକ୍ଟର ସତ୍ୟ ରଂଜନ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ଭଦ୍ରକ ବିଡିଓ ଦାମୋଦର ଖୁଆ ପ୍ରମୁଖ ସଂଘର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

ରଶି ଲଗାଇ ନାବାଳକଙ୍କ ଆତ୍ମହତ୍ୟା

ନୂଆପଡା,୩୦।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଥାନା ଅନ୍ତର୍ଗତ ତୁକଳା ଗ୍ରାମର ଜଣେ ନାବାଳକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଖଡିଆଳ ଥାନାରେ ଅଭିଯୋଗ ହୋଇଛି । ତୁକଳା ଗ୍ରାମର ବିନୋଦ ଥାନାପତିଙ୍କୁ ପୁଅ ତନ୍ମୟ ଥାନାପତି(୧୬) କୌଣସି କାରଣକୁ ନେଇ ଆଜି ସକାଳେ ତାଙ୍କ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ପୁଲିସ ଖବର ପାଇ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଘଟଣାର ତଦନ୍ତ ଚଲାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଭଞ୍ଜସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ

ବାରିପଦା,୩୦।୭ (ନି.ପ୍ର): ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବାର ଅଭିଯୋଗ ଆଣି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେନାର ଜିଲ୍ଲା ସଭାପତି ଫିଟୁ ମାଇତିଙ୍କ ନେତୃତ୍ୱରେ ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ, ଉପସଭାପତି ପ୍ରଶାନ୍ତ ମହାକୁଡ଼ ଓ ଜିତୁ ଶିବାନନ୍ଦ, ସାଧାରଣ ସମ୍ପାଦକ ମାନସ ବେହେରା, ସମ୍ପାଦକ ରାକେଶ ମହାନ୍ତି, ବାରିପଦା ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର ଓ ଉପସଭାପତି ଏସକେ ରାଜା ଖାନ, ଛାତ୍ର ନେତା ରବୀନ୍ଦ୍ର ସାହୁ, ଯୁବ ନେତା ଅମରେଶ କୁମାର ସିଂ, ଛାତ୍ରନେତା ରତିକାନ୍ତ ଦାସ, ସୌମ୍ୟରଞ୍ଜନ ସାହୁ, ସଞ୍ଜୟ ମହାନ୍ତ, ଶମ୍ଭୁନାଥ ରଣା ସ୍ୱପ୍ନଜିତ୍ ସାହୁ, ଏମଡ଼ି ଇସ୍ରାଇଲ, ଦେବାଶିଷ ନାଏକ ପ୍ରମୁଖ ଉକ୍ତ ଗଣଧାରଣା ଓ ବିକ୍ଷୋଭ ସମାବେଶରେ ଯୋଗ ଦେଇଥିଲେ । ସେନାର ଜିଲ୍ଲା ସଭାପତି ଶ୍ରୀ ମାଇତି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଅତ୍ୟାଧୁନିକ ଚିକିତ୍ସାର ବ୍ୟବସ୍ଥା ଦାବିରେ ଆରମ୍ଭ ହୋଇଥିବା ଆନ୍ଦୋଳନରୁ ପଣ୍ଡିତ ରଘୁନାଥ ମୁର୍ମୁ ସରକାର ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇଥିଲା । କିନ୍ତୁ ଉକ୍ତ ସରକାରୀ ମେଡ଼ିକାଲ କଲେଜରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ଜନସାଧାରଣ ବଂଚିତ ହେଉଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟଗୁଡ଼ିକ ସହ ଜିଲ୍ଲାର ୨୬ଟି ବ୍ଲକରେ ରହିଥିବା ଛୋଟବଡ଼ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଡ଼ାକ୍ତର, ଫାର୍ମସିଷ୍ଟ, ନର୍ସ ଆଦି ବିଭିନ୍ନ ସ୍ୱାସ୍ଥ୍ୟକର୍ମଚାରୀ ଏବଂ ଆନୁସଙ୍ଗିକ ସୁବିଧା ନ ଥିବା କାରଣରୁ ଜିଲ୍ଲାବାସୀ ସଠିକ୍ ଭାବେ ସ୍ୱାସ୍ଥ୍ୟସବା ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି । ଏବାବଦରେ ଗତ ଫେବୃଆରୀ ୨୫ରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦୀର୍ଘ ୪ ମାସର ବ୍ୟବଧାନ ପରେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ପରିବର୍ତନ ନ ଆସିବା ପରେ ଚଳିତ ଜୁଲାଇ ୧୦ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଏ ବିଷୟରେ ଆଲୋଚନା କରାଯିବା ସମୟରେ ସେ ନିଜର ଅକ୍ଷମତା ପ୍ରକାଶ କରିଥିଲେ । ତେଣୁ ସେନା ଆଜି ତାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଆଧାରରେ ଶାନ୍ତପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣାରେ ବସିବା ନିମନ୍ତେ ବାଧ୍ୟ ହୋଇଥିଲା ବୋଲି ପ୍ରକାଶ କରିଛନ୍ତି ସେନା ସଭାପତି ଶ୍ରୀମାଇତି । ଏଥି ସହି ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ । ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୌଣସି ପରିବର୍ତନ ନ ଆସିଲେ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକମାନଙ୍କ ବାସଭବନ ସମ୍ମୁଖରେ ଭଞ୍ଜସେନା ପକ୍ଷରୁ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

ଦୈନିକ ବଜାରରେ ସାମାଜିକ ଦୂରତାର ଖୋଲାଖୋଲି ଉଲ୍ଲଙ୍ଘନ

ନୂଆପଡା,୩୦।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହର ସ୍ଥିତ ଦୈନିକ ବଜାରରେ ସାମାଜିକ ଦୂରତାର ଖୋଲାଖୋଲି ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ ହୋଇଛି । ବଜାରରେ ସାମାଜିକ ଦୂରତା ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ତମାନ ଜିଲ୍ଲାରେ କୋଭିଡ-୧୯ ପୋଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସାମାଜିକ ଦୂରତା ନିତାନ୍ତ ଜରୁରୀ ହୋଇପଡିଛି । ଏହି ବଜାରରେ ସକାଳ ୫ ଘଂଟା ସମୟରୁ ବ୍ୟବସାୟ ଆରମ୍ଭ ହୋଇଥାଏ । ବଜାରକୁ ଚାଷୀ ନିଜେ ଉତ୍ପାଦିତ ଦ୍ରବ୍ୟକୁ କୁଚିଆ ଠାରେ ବିକ୍ରୟ କରୁଥିବା ବେଳେ ଅନେକ ପନିପରିବା ବୁଲା ବ୍ୟବସାୟୀ ମଧ୍ୟ ଆସି ସାମଗ୍ରୀ ନେଇଥାନ୍ତି । ଅନ୍ୟପକ୍ଷରେ ହଟଷ୍ଟଟ ଏରିଆ ପଡୋଶୀ ରାୟପୁରରୁ ମଧ୍ୟ ଅନେକ ପନିପରିବା ଆସୁଥିବା ଦେଖିବାକୁ ମିଳୁଛି । ଯଦି ଏଥିରେ ଜଣେ ମଧ୍ୟ ପୋଜିଟିଭ ବ୍ୟକ୍ତି ଆସିଯାଆନ୍ତି ତେବେ ତାହା ବ୍ୟାପୀଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଯାହାଫଳରେ ଏଠାରେ ସାମାଜିକ ଦୂରତା ନିତାନ୍ତ ଜରୁରୀ ହୋଇପଡିଛି । ସରକାରଙ୍କ ଲକଡାଉନ ପରେ ପରେ ଦୈନିକ ବଜାରକୁ ପ୍ରଶାସନ ପକ୍ଷରୁ ସାମାଜିକ ଦୂରତାରେ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିଲେ । ହେଲେ ଗତ ୧ ମାସରୁ ଅଧିକ ହେବ ପୁଣି ଦୈନିକ ବଜାରରେ ବ୍ୟବସାୟ କରାଯାଉଛି । ଯାହାଫଳରେ ସବୁବେଳେ ଭୀଡ ରହୁଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସାମାଜିକ ଦୂରତା କ୍ଷେତ୍ରରେ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

ଜିଲା ପ୍ରଶାସନ ତରଫରୁ ସରକାରୀ କାର୍ଯ୍ୟାଳୟକୁ ଆସିବାକୁ ବାରଣ

ସହାୟତା କିମ୍ବା ଅଭିଯୋଗ ପାଇଁ ଜାରୀ ହେଲା ଫୋନ ନମ୍ବର

କନ୍ଧମାଳ,୩୦।୭ (ନି.ପ୍ର): କରୋନା ସଂକ୍ରମଣ ଦିନକୁ ଦିନ ବଢିଚାଲିଥିବା ଫଳରେ କରୋନା ମୁକାବିଲା ଦାୟୀତ୍ୱରେ ଥିବା ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ, ପୋଲିସ କର୍ମଚାରୀ ମଧ୍ୟ ଦିନକୁ ଦିନ ବହୁସଂଖ୍ୟାରେ ସଂକ୍ରମିତ ହେବାରେ ଲାଗିଛନ୍ତି । ସରକାରୀ କର୍ମଚାରୀ ମାନେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି । କାର୍ଯ୍ୟାଳୟକୁ ଆସିବାଲାଗି ଇଚ୍ଛାପ୍ରକାଶ ମଧ୍ୟ କରୁନାହାଁନ୍ତି । ଏଣୁ, ସମସ୍ତ ସରକାରୀ କାର୍ଯ୍ୟାଳୟକୁ ବାହାର ଲୋକଙ୍କ ପାଇଁ ପ୍ରଶାସନ ବାରଣ କରିଛି । ଗତ କିଛିଦିନ ହେଲାଣି ଫୁଲବାଣୀ ସହର ସମେତ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଲୋକମାନଙ୍କୁ ଯିବାଲାଗି ମନା କରାଯାଇଥିବା ବେଳେ ଏବେ ଥାନାକୁ ମଧ୍ୟ ଯିବାଲାଗି ବାରଣ କରାଯାଇଛି । ଥାନାରେ ଜଣେ କର୍ମଚାରୀ ସ

ସକାଳ ଧ୍ୟାନର ଉପଯୋଗିତା

♦ଧ୍ୟାନ କଲେ ଉଭୟ ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ଏଇ ଅଭ୍ୟାସ କଲେ ତାହାର ସୁଫଳ ଖୁବ୍ ଶୀଘ୍ରଅ ଦେଖିବାକୁ ମିଳେ ।

♦ଶଯ୍ୟା ତ୍ୟାଗ ପରେ ଖଟ ଉପରେ ବସି ୫-୭ ମିନିଟ୍ ଧ୍ୟାନ କରିପାରିବେ। ରକ୍ତଚାପ ଓ ଅବସାଦଗ୍ରସ୍ତ ରୋଗୀ ଧ୍ୟାନ ପ୍ରତ୍ୟହ କଲେ ଏହାର ସୁଫଳ ଜାଣିପାରିବେ ।

♦ ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ । ପିଲାଠାରୁ ବୟସ୍କ ଏଇ ସରଳ ଉପାୟକୁ ନିଜ ଦୈନିକ ଜୀବନରେ ସାମିଲ କରାଇପାରିବେ । ତେବେ ପ୍ରାତଃ କାଳରେ ଧ୍ୟାନ କଲେ ତାହାର ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ଧ୍ୟାନ ଏକପ୍ରକାର ଶକ୍ତି, ଏହାର ପ୍ରଭାବରେ ଉଭୟ ତନ ଓ ମନ ସୁସ୍ଥ ରହିଥାଏ । ଏବର ଯୁବପିଢ଼ି ଉପରେ କାମର ଚାପ ଖୁବ୍ ଅଧିକ । ଏସବୁକୁ ନିୟନ୍ତ୍ରଣରେ ରଖିବା ସହ ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ ଯୋଗ କଲେ ଉତ୍ତମ ପ୍ରଭାବ ଜାଣିପାରିବେ ।

ଭୋଜନ ନିୟମ

ଭୋଜନ କରିବା ପୂର୍ବରୁ ପାଞ୍ଚ ଅଙ୍ଗ (ଦୁଇହାତ, ଦୁଇଗୋଡ଼ ସହ ମୁହଁ)କୁ ଭଲଭାବରେ ଧୋଇବା ଉଚିତ । ଓଦା ପାଦରେ ଭୋଜନ କରିବା ଅତ୍ୟନ୍ତ ଶୁଭଙ୍କର ଭାବେ ଗ୍ରହଣ କରାଯାଏ । ସ୍ୱାସ୍ଥ୍ୟ ଭଲ ରହିବା ସହ ଆୟୁ ବଢ଼େ ବୋଲି ବିଜ୍ଞ ବ୍ୟକ୍ତିଙ୍କ ମତ । ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ଖାଇବା ଉଚିତ । ଏହି ଦିଗକୁ ମୁହଁ କରି ଖାଇବା ଦ୍ୱାରା ଶରୀରକୁ ପୂର୍ଣ୍ଣ ମାତ୍ରାରେ ଶକ୍ତି ମିଳେ । ଦକ୍ଷିର ଦିଗ ଆଡ଼କୁ ମୁହଁ କରି ଖାଇବା ଅନୁଚିତ । ପଶ୍ଚିମ ଦିଗକୁ ମୁହଁ କରି ଖାଇଲେ ରୋଗ ବଢ଼େ ବୋଲି ପ୍ରାଚୀନ ମାନ୍ୟତା ରହିଛି । ବିଛଣା ଉପରେ ବସି ଖାଇବା ସମ୍ପୂର୍ଣ୍ଣ ଅନୁଚିତ । ଖାଇବା ଥାଳିକୁ ହାତରେ ଧରି ଖାଇବା ମଧ୍ୟ ଗ୍ରହଣୀୟ ନୁହେଁ । ଗୋଟିଏ ସ୍ଥାନରେ ବସି ଖାଇବା ଉଚିତ । ଚାଲିବୁଲି ଖାଇଲେ ହଜମ ଠିକ୍ ଭାବରେ ହୁଏନାହିଁ । କେବେହେଲେ ପରଷା ହୋଇଥିବା ଖାଦ୍ୟର ଅପମାନ କରିବେ ନାହିଁ । ରୋଷେଇ କରୁଥିବା ବ୍ୟକ୍ତି ରୋଷେଇ କଲାବେଳେ ଶାନ୍ତ ମନରେ କରିବା ଉଚିତ । ଶୁଦ୍ଧ ମନରେ ରୋଷେଇ କଲେ ଅନ୍ନର ଅଭାବ ହୋଇନଥାଏ ।

ତିରୁଅନନ୍ତପୁରମର ମୁଖ୍ୟ ଆକର୍ଷଣ

କେରଳର ରାଜଧାନୀ ତିରୁଅନନ୍ତପୁରମକୁ ପ୍ରତି ବର୍ଷ ସଂଖ୍ୟାଧିକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ । ସ୍ଥାନୀୟ ପର୍ବପର୍ବାଣି, ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହ ଏଠାକାର ସ୍ଥାନୀୟ ଖାଦ୍ୟ ହିଁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ଭାରତର ପ୍ରମୁଖ ପ୍ରାନ୍ତ ସହ ବିଦେଶକୁ ମଧ୍ୟ ଲୋକେ କେବଳ ଏଥିପାଇଁ ଏଇ ଦକ୍ଷିଣ ଭାରତୀୟ ରାଇଜକୁ ଛୁଟି ଆସିଥାନ୍ତି ।

ବିଭିନ୍ନ ପର୍ଯ୍ୟଟକଙ୍କ ମତ ଅନୁସାରେ, କୋବଲମ ସମୁଦ୍ରକୂଳ ନିକଟସ୍ଥ ରେଷ୍ଟୋରାଁର 'ସି ଫୁଡ୍' ହିଁ ସେମାନଙ୍କୁ ଏଠାକୁ ଭ୍ରମଣ ପାଇଁ ଟାଣି ନେଇ ଆସେ । ସୁଆଦିଆ ଏଇ ଖାଦ୍ୟର ମୂଲ୍ୟ ମଧ୍ୟ ସେଭଳି କିଛି ବେଶୀ ନୁହେଁ । ଅନ୍ୟ ଏକ ଆକର୍ଷଣୀୟ ବ୍ୟଞ୍ଜନ ହେଲା 'ଇଡ୍ଡିପିୟମ୍ ୱିଦ୍ କରି' । ସ୍ଥାନୀୟ ରୋଷେଇୟାମାନେ ବିଭିନ୍ନ ପ୍ରକାର ମସଲା ଦେଇ ଏଇ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି । ରାସ୍ତା କଡ଼ ଠେଲା ଠାରୁ ପଞ୍ଚତାରକା ହୋଟେଲ, ସେଠାରେ ସମସ୍ତ ସ୍ଥାନରେ ଏଇ ବ୍ୟଞ୍ଜନର ଚାହିଦା ରହିଛି ।

ବିଭିନ୍ନ ଲୋକପ୍ରିୟ ବ୍ୟଞ୍ଜନ ମଧ୍ୟରୁ ପୁଟୁ-କାଦଳା କରି, ଚାଉଳ ଓ କଦଳୀ ମିଶ୍ରିତ ବ୍ୟଞ୍ଜନଟି ଖୁବ୍ ସୁଆଦିଆ ଲାଗିଥାଏ । ବିଦେଶୀ ପର୍ଯ୍ୟଟକମାନେ ସେଠାକାର ଚୁଙ୍ଗୁଡ଼ି ତର୍କାରି ସହ ଦକ୍ଷିଣ ଭାରତୀୟ ଆମିଷ ବ୍ୟଞ୍ଜନ ଖାଇବାକୁ ଖୁବ୍ ପସନ୍ଦ କରନ୍ତି ।

କେରଳରେ ମାଛକୁ ସୋରିଷ ଓ ଜିରା ଦେଇ ନଡ଼ିଆ ତେଲରେ ଭଜାଯାଏ । ଏହା ମଧ୍ୟ ପର୍ଯ୍ୟଟକଙ୍କର ଅନ୍ୟତମ ଆକର୍ଷଣ ବୋଲି ଜଣାପଡ଼ିଛି । ସେଠାକାର ବିଭିନ୍ନ ଦର୍ଶନୀୟ ସ୍ଥାନ ସେମାନେ ଭ୍ରମଣ କରିବା ସହ ଲୋକପ୍ରିୟ ବ୍ୟଞ୍ଜନର ମଧ୍ୟ ମଜା ଉଠାଇଥାନ୍ତି ।

ମଧୁମେହ ଓ ଉଚ୍ଚ ରକ୍ତଚାପ

ମଧୁମେହ ରୋଗରେ ଉଚ୍ଚ ରକ୍ତଚାପ ମିଶି ରହିଲେ ଏହା ଶରୀରର ଅଧିକ କ୍ଷତି କରେ । ରକ୍ତଚାପ ଉପର ଅଙ୍କ ୧୪୦ ଏବଂ ତଳ ଅଙ୍କ ୯୦ରୁ ଅଧିକ ରହିଲେ ଉଚ୍ଚ ରକ୍ତଚାପ (ହାଇପର ଟେନସନ) ହୋଇଛି ବୋଲି କୁହାଯାଏ । ଏହାର ଆଶଙ୍କା ମଧୁମେହ ରୋଗୀଙ୍କଠାରେ ଅଧିକ । ଏହି ଦୁଇ ରୋଗର ସଂଯୋଗ ହେଲେ ହୃଦରୋଗ, ହାତ ଗୋଡ଼ର ଧମନୀ ରୋଗ, ମସ୍ତିଷ୍କର ଷ୍ଟ୍ରୋକ୍, ପକ୍ଷାଘାତ (ପାରାଲିସିସ୍), ଆଖିର ରେଟିନା ରୋଗ ଅନ୍ଧତ୍ୱ, ଜଟିଳ ବୃକକ୍ ରୋଗ (ଏଣ୍ଡ ଷ୍ଟେଜ୍ କିଡନୀ ରୋଗ) ଅଧିକ ହୋଇଥାଏ । ମଧୁମେହ ରୋଗୀଙ୍କର ଉଚ୍ଚ ରକ୍ତଚାପ ରୋଗ କାହିଁକି ଅଧିକ ହୁଏ ତାର କାରଣ ଏପର୍ଯ୍ୟନ୍ତ ଭଲ ଭାବରେ ଜଣାଯାଇନାହିଁ । ଧମନୀଗୁଡ଼ିକରେ କୋଲେଷ୍ଟେରଲ ଅଧିକ ଜମା ହୋଇ ଧମନୀକୁ ସରୁ କରିଦେଲେ ଉଚ୍ଚ ରକ୍ତଚାପ ରୋଗ ହୋଇଥାଏ । ଏହା ମୁଖ୍ୟତଃ ଏସେନସିଆଲ ହାଇପର-ଟେନସନ । ମଧୁମେହ ଓ ହାଇପର -ଟେନସନ ରହିଲେ ଉଭୟ ରୋଗକୁ ଚିକିତ୍ସା କରି ନିୟନ୍ତ୍ରିତ କରିବାକୁ ପଡ଼େ । ଏଥିରେ ମଧୁମେହର ମାତ୍ରା ଯଥା ଏଚବିଏୱାନସିକୁ ୭ ତଳେ ରଖାଯାଏ ଏବଂ ଉଚ୍ଚ ରକ୍ତଚାପ ମାତ୍ରା ୧୨୦/୮୦ ତଳେ ରଖିବାକୁ ଚେଷ୍ଟା କରାଯାଏ । ବିନା ଔଷଧରେ ଉଚ୍ଚ ରକ୍ତଚାପ କମାଇବା ପାଇଁ ଜୀବନଶୈଳୀ ସଂକ୍ରାନ୍ତ ଚିକିତ୍ସା ଗୁରୁତ୍ୱପୂର୍ଣ୍ଣ । ଦୈନିକ ପ୍ରାତଃ ଭ୍ରମଣ, ବ୍ୟାୟାମ, ଜିମରେ ଓଜନ ଉଠାଇବା, ସନ୍ତରଣ, ଯୋଗ, ପ୍ରାଣାୟାମ, ପିଲେଟ୍, ସାଇକଲ ଚାଳନା , ଦୌଡ଼ିବା, ଶାରୀରିକ ପରିଶ୍ରମ ଭଳି କାର୍ଯ୍ୟ ଦୈନିକ ପ୍ରାୟ ଏକ ଘଣ୍ଟା କରିବା ଆବଶ୍ୟକ । ଧୂମପାନ, ମଦପାନ ଛାଡ଼ିଦେବା ଭଲ । ୨୪ଘଣ୍ଟାରେ ଖାଦ୍ୟରେ ଖାଇବା ଲୁଣର ପରିମାଣ ଅଢ଼େଇ ଗ୍ରାମରୁ ବେଶୀ ହେବା ଭଲ ନୁହେଁ । ଉଚ୍ଚ ରକ୍ତଚାପ କମାଇବା ପାଇଁ 'ଡାସ୍' ଡାଏଟ୍ ଖାଇବାକୁ ଉପଦେଶ ଦିଆଯାଏ । ଏହାର ପୂର୍ଣ୍ଣରୂପ ହେଲା-ଡାଏଟାରୀ ଆପ୍ରୋଚେସ୍ ଟୁ ଷ୍ଟପ୍ ହାଇପର-ଟେନସନ । ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ଦୈନିକ,

ଭାତ, ଡାଲି, ରୁଟି, ଫଳ, ସବ୍ଜ ପନିପରିବା, ତେଲ, ଘିଅ ସଠିକ୍ କ୍ୟାଲୋରୀ ଖାଦ୍ୟ ଖାଇବା ଉଚିତ । ଏଥିରେ ଦୈନିକ କୋଲେଷ୍ଟେରଲ ଥିବା ଖାଦ୍ୟ ୧୫୦ ଗ୍ରାମରୁ ଅଧିକ ଖାଇବା ପାଇଁ ମନା କରାଯାଏ । ଲବଣ ମାଧ୍ୟରେ ଆବଶ୍ୟକ ପଟାସିୟମ ଓ ମ୍ୟାଗ୍ନେସିୟମ ଖାଇବାକୁ ପଡ଼େ । ସାଧାରଣ ଖାଇବା ଲୁଣର ମାତ୍ରା ଦୈନିକ ଅଢ଼େଇ ଗ୍ରାମ ଦିଆଯାଏ । ସଠିକ୍ ସଜନ ପାଇଁ ବିଏମଆଇ (ବଡିମାସ୍ ଇର୍ଡେକ୍ସ) ୨୫ ତଳେ ରଖାଯାଏ । ଏହି ଚିକିତ୍ସାରେ ରକ୍ତଚାପ ମାତ୍ରା ୧୪୦/୯୦ ତଳେ ନରହିଲେ ଡାକ୍ତରୀ ଔଷଧ ଖାଇବାକୁ ଦିଆଯାଏ । ଏହି ଔଷଧଗୁଡ଼ିକ ହେଲେ ଡାଇୟୁରେଟିକ୍, ଏସିଲ ଇନହିବିଟର, ଏ.ଆର ବି ବିଟା ବ୍ଲକସ, କ୍ୟାଲସିୟମ ଚାନେଲ ବ୍ଲକର୍ସ ଇତ୍ୟାଦି । ସାଧାରଣତଃ ଉଚ୍ଚ ରକ୍ତଚାପ କମାଇବା ପାଇଁ ଦୁଇ ତିନି ପ୍ରକାର ଔଷଧ ମିଶାଇ ଖାଇବାକୁ ଆବଶ୍ୟକ ହୋଇଥାଏ । ମଧୁମେହ ରୋଗରେ କିଡନୀ ଆକ୍ରାନ୍ତ ହୋଇ ପରିସ୍ରାରେ ଆଲବୁମିନ ଆସିଲେ ଏସିଇ ଇନହିବିଟର ଓ ଏଆର ବି ଔଷଧ ଅଲଗା ଅଲଗା ଦିଆଯାଏ । ମଧୁମେହ ରୋଗରେ ହୃଦଘାତ ହୋଇଥିଲେ ବିଟ୍ୟ ବ୍ଲକସ ଖାଇବାକୁ ଦିଆଯାଏ । ତିନି ଚାରିପ୍ରକାର ଔଷଧ ନିର୍ଦ୍ଧାରିତ ସମୟ ଖାଇଲା ପରେ ଯଦି ଉଚ୍ଚ ରକ୍ତଚାପ ଆୟତ୍ତ ନ ହୁଏ, ଏହାକୁ ରେଜିଷ୍ଟାଣ୍ଟ ହାଇପର - ଟେନସନ୍ କୁହାଯାଏ । ସେଥିପାଇଁ,

ରୋଗୀ ଦେହରେ ମେସିନ୍ ବାନ୍ଧି ରୋଗୀ ଚଲାବୁଲା କରୁଥିବା ଏବଂ ଶୋଇଲାବେଳେ ଉଚ୍ଚ ରକ୍ତଚାପ ମପାଯାଏ । ଏହାକୁ ଆମ୍ବୁ ଲେଟରୀ ବ୍ଲଡପ୍ରେସର ମାପିବା କୁହାଯାଏ ଏଥିରେ ଉଚ୍ଚ ରକ୍ତଚାପ ଲାଗିରହିଲେ ବିଶେଷଜ୍ଞ ଡାକ୍ତରମାନେ ସଘନ ଚିକିତ୍ସା କରିଥାନ୍ତି । ମଧୁମେହ, ଉଚ୍ଚରକ୍ତଚାପ କମାଇବା ପାଇଁ ସୁସ୍ଥ ଜୀବନଶୈଳୀ ଏକାନ୍ତ ଆବଶ୍ୟକ । ଏହି ଦୁଇ ରୋଗ ଅଛି ବୋଲି ଜଣାପଡ଼ିଲା ପରେ ପ୍ରତି ତିନିମାସରେ ସରକାରୀ ଡାକ୍ତରଖାନାମାନଙ୍କରେ ଏଚବିଏୱାନସି, ରକ୍ତଚାପ ମାପିବା, କୋଲେଷ୍ଟେରଲ ପରିମାଣ ୧୫୦ ତଳେ ରଖିବା କିଡନୀ ପାଇଁ କ୍ରିଏଟିନିନ ପରୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ।

ଅତର୍ ଦେବ ସୁଖନିଦ୍ରା



ଏବର ବ୍ୟସ୍ତ ଜୀବନରେ ଫୁରସତ୍ ପାଇଁ ସମୟ ନାହିଁ । ଏହା ସହ ଅଧିକାଂଶ ଲୋକ ନିଦ୍ରାହୀନତାର ଶିକାର ହେଉଛନ୍ତି । ୫ବର୍ଷର ସର୍ବେକ୍ଷଣ ଅନୁଯାୟୀ, ବିଶ୍ୱରେ ନିଦ୍ରାହୀନତା ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏବେ କିନ୍ତୁ ସେମାନଙ୍କୁ ଏକ ଅତର ହିଁ ସୁଖଦ ଓ ସୁନ୍ଦର ନିଦ୍ରା ଦେବ । କାଲିଫର୍ଣ୍ଣିଆର ଏକ କମ୍ପାନୀ ଏହି ଅତର ନିର୍ମାଣ କରିଛି । ଯାହାକୁ ଲଗାଇବାର ମାତ୍ର ୧୦ମିନିଟ୍ ମଧ୍ୟରେ ସୁନ୍ଦର ନିଦ୍ରା ଆପେ ଆସିବ । କେବଳ ନିଦ୍ରାହୀନତାର ଶିକାର ହେଉଥିବା ଲୋକ ଏହାକୁ ବ୍ୟବହାର କରିବା ଉଚିତ । ଗୋଟିଏ ଦିନରେ କେବଳ ଥରେ ଏହାକୁ ବ୍ୟବହାର କରାଯିବା ଦରକାର । ଏହି ଅତର ମଧ୍ୟ ବେଶ୍ ସୁଲଭ ମୂଲ୍ୟରେ ମିଳିବ । କମ୍ପାନୀ ତରଫରୁ ପ୍ରକାଶ କରାଯାଇଛି, ୫ ମି.ଲି ଅତରର ମୂଲ୍ୟ ୯୦୦ ଟଙ୍କା ଧାର୍ଯ୍ୟ ହୋଇଛି । ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଏହା ସର୍ବପ୍ରଥମେ ଆମେରିକୀୟ ବଜାରରେ ବିକ୍ରି ହେବ ।

ପ୍ରାତଃ କାଳର ନିୟମ

ସକାଳୁ ଉଠିବା ପରେ ଖାଲି ପେଟରେ ଦୈନିକ ୧ଗ୍ଲାସ ପାଣି ପିଅନ୍ତୁ ।

ଉଠିବା ପରେ ନିଜ ବାସି ଶେଯରେ ପ୍ରାୟ ୫ମିନିଟ୍ ଆଖି ବନ୍ଦ କରି ଧ୍ୟାନ କରନ୍ତୁ । ଏପରି କରିବା ଦ୍ୱାରା ଏକାଗ୍ରତା ବଢ଼ିଥାଏ ।

ସକାଳୁ ଉଠିବାପରେ ପ୍ରତ୍ୟେକଦିନ ଗୋଟିଏ ଗୋଟିଏ ନୀତିବାଣୀ ପଢ଼ିବା ପାଇଁ ଚେଷ୍ଟା କରନ୍ତୁ ।

ଶଯ୍ୟାତ୍ୟାଗ କରିବାର ଅନ୍ତତଃ ୧୦ମିନିଟ୍ ମଧ୍ୟରେ ଏହା ପଢ଼ିନିଅନ୍ତୁ । ପଢ଼ିବାପରର ଅନୁଭୂତିରୁ ନିଜେ ହିଁ ଜାଣିପାରିବେ । ସକାଳର ଆରମ୍ଭ ଘରେ ଗାୟତ୍ରୀ ମନ୍ତ୍ରରୁ ଆରମ୍ଭ କରନ୍ତୁ । ଆପଣ ସିଡି ପ୍ଲେୟାର ସହାୟ୍ୟରେ ଏହାକୁ ଅଧିକ ଭଲ୍ୟୁମ୍ ଦେଇ ବଜାନ୍ତୁ । ପୂରା ଘରେ ଏକ ସୁନ୍ଦର ବାତାବରଣର ଅନୁଭୂତି ଆପଣ କରିପାରିବେ । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବପିଢ଼ି ପର୍ଯ୍ୟନ୍ତ ସମସ୍ତେ ଏହାକୁ ପାଳନ କରିବା ଉଚିତ ହେବ । ଦୈନିକ ୫ଟାରୁ ୬ଟା ସମୟ ମଧ୍ୟରେ ଉଠି ଖୋଲା ଆକାଶ ଉପରକୁ ଚାହିଁ ପ୍ରାୟ ୧୦-୧୫ମିନିଟ୍ ଶୋଇରୁହନ୍ତୁ । ଏହା ଦ୍ୱାରା ସ୍ମରଣ ଶକ୍ତି ବଢ଼ିବା ସହିତ ମନ ଶାନ୍ତ ମଧ୍ୟ ରହିଥାଏ ।

ନିଜ ଘରେ ହିଁ ମର୍ଣ୍ଣିଙ୍ଗ ୱାକ୍ କରନ୍ତୁ । ବାଲକୋନି, ସିଡ଼ି କିମ୍ବା ଘର ମଧ୍ୟରେ ନିଜେ ଝାଡୁ କରନ୍ତୁ । ପ୍ରଥମ କିଛିଦିନ ଆପଣଙ୍କ ଅଣ୍ଟା ଗୋଡ଼ ବ୍ୟଥା ହେବ । ସେଥିପାଇଁ ବ୍ୟସ୍ତ ନହୋଇ ଦୈନିକ ଅଳ୍ପସମୟ ଏହିପରି କରନ୍ତୁ ।

ସପୁରିର ଗୁଣ

- ସପୁରିକୁ ନିୟମିତ ଭାବରେ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ ଥାଏ । ସପ୍ତାହକୁ ଥରେ କିମ୍ବା ଦୁଇଥର ଏହାର ରସ ପିଇବା ଭଲ । ମ୍ୟାଗ୍ନେସିୟମ ଏଥିରେ ଅଧିକ ଅଧିକ ମାତ୍ରାରେ ଥିବାରୁ ହାଡ଼ ମଜବୁତ୍ ରଖିବାରେ ସହାୟକ ହୁଏ ।
- ଲଣ୍ଡନର ଗବେଷକଙ୍କ ଅନୁଯାୟୀ, ଏହି ଫଳରେ କ୍ୟାଲୋରୀ କମ ଥିବା ସହ ମିଠା ମଧ୍ୟ କମ ଥାଏ । ସେଥିପାଇଁ ମଧୁମେହ ରୋଗୀ ଏହାକୁ ଖାଇପାରିବେ ।
- ହୃଦରୋଗ ସମ୍ବନ୍ଧିତ ରୋଗ ପାଇଁ ଏହାର ରସ ସର୍ବୋତ୍ତମ ।
- ଫାଇବର ମାତ୍ରା ଏହି ଫଳରେ ଅଧିକ ଥିବା ଯୋଗୁ ପାଚନ ପ୍ରକ୍ରିୟା ଉତ୍ତମ ରୁହେ ।
- ସପୁରିର ଆଣ୍ଟିଅକ୍ସିଡାଣ୍ଟ ପାଇଁ ଯୁବତୀମାନେ ଏହାକୁ ଖାଇବା ଭଲ । ତ୍ୱଚାରେ ଏକ ଚମକ ଆସିବା ସହ ଭାଙ୍ଗ ପଡ଼ିନଥାଏ । ଏହି ଫଳ ଖାଇଲେ ଭୋକ ବୃଦ୍ଧି ହୁଏ ।
- ଦୈନିକ ଖାଲି ପେଟରେ ଏକ ଗିଲାସ ସପୁରୀ ରସ ପିଇଲେ ଶରୀରକୁ ଶକ୍ତି ମିଳେ ।
- ପ୍ରତ୍ୟେକ ଆମେରିକୀୟ ବିଦ୍ୟାଳୟରେ ୬-୧୦ ବର୍ଷ ବୟସର ପିଲାଙ୍କୁ ନିୟମିତ ସପୁରୀ ଖାଇବା ପାଇଁ ବାଧ୍ୟତାମୂଳକ ନିୟମ ରହିଛି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଯନ୍ତ୍ରଣା...

ସମଗ୍ର ବିଶ୍ୱବାସୀଙ୍କୁ କରୋନା ଭୂତାଣୁ ସଂକ୍ରମଣ ଅସ୍ତବ୍ୟସ୍ତ କରି ରଖିଛି । ସମସ୍ତଙ୍କ ଭିତରେ ସଂକ୍ରମଣ ଓ ମରଣ ଭୟ ଘନେଇ ରହିଛି । ବିଶ୍ୱ ତଥା ରାଷ୍ଟ୍ରସ୍ତରର କଥା ଦେଖିଲେ କରୋନା ମହାସଂକ୍ରମଣ କେବେ ଓ କିଭଳି ଆୟତ୍ତ ଭିତରକୁ ଆସିପାରିବ, ତାହା ନେଇ ଘଡ଼ିକୁ ଘଡ଼ି ଆକଳନ ବଦଳି ଚାଲିଛି । କେହି ନିଧାର୍ଯ୍ୟ ଭାବେ କହିପାରୁନାହାନ୍ତି କି, କୋଭିଡ୍ ମହାମାରୀର କେବେ ଅନ୍ତ ହେବ । ଆଣ୍ଟିବଡି ସୃଷ୍ଟିଲାଗି ପ୍ରତିଷେଧକ ଟିକା ବାହାରର କରାଯିବା ଅନବରତ ଚାଲିଛି । ଆମ ରାଜ୍ୟରେ କୋଭାକ୍ସିନ୍ ଟିକା ପରୀକ୍ଷଣ ଆରମ୍ଭ ହୋଇଗଲାଣି । ଏହା ସ୍ୱଦେଶୀ କୌଶଳରେ ପ୍ରସ୍ତୁତ ଇଂଜେକ୍ସନ । ଏହା ବାଦ୍ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରସ୍ତୁତି ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଯାଇଥିବାରୁ ପ୍ରତିଷ୍ଠାନର ମୁଖ୍ୟ ପୁନ୍ନାୱାଲାଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଲା ଲାଗି ଯଥେଷ୍ଟ ପରିମାଣର ଟିକା ପାଇଁ ବରାଦ ରଖିସାରିଲେଣି । ପ୍ରାୟ ପନ୍ଦରଶହ କୋଟି ଟଙ୍କା ବିନିଯୋଗରେ ଏହି ଟିକା ପାଇଁ ଗବେଷଣା ଓ ପରୀକ୍ଷଣ ପ୍ରକ୍ରିୟା ଫଳବତୀ ହେଲେ ତାହାର ସୁଫଳ ବିଶ୍ୱବାସୀ ପାଇବେ । ଈଶ୍ୱର ନକରନ୍ତୁ, ପରୀକ୍ଷଣରେ କିଛି ଗଡ଼ବଡ଼ ନହେଉ, ଯଦି ବିଫଳ ହୋଇଯିବ; ତେବେ ସବୁ ଧନରାଶି ଓ ଗବେଷକଙ୍କ ଶ୍ରମ ପାଣିରେ ପଡ଼ିଯିବ ।

ବିଶ୍ୱବାସୀ ସଂକ୍ରମଣ ଓ ମୃତ୍ୟୁହାର ବଢ଼ିଚାଲିଥିବା ଭିତରେ ରାଜଧାନୀ ଦିଲ୍ଲୀରେ ପ୍ଲାଜ୍‌ମା ଚିକିତ୍ସାରୁ ସୁଫଳ ମିଳୁଥିବାର ଦେଖାଗଲା ପରେ ଆମ ରାଜ୍ୟରେ କଟକ ଏସ୍‌ସିବିରେ ମୁଖ୍ୟ ପ୍ଲାଜ୍‌ମା ବ୍ୟାଙ୍କ ଖୋଲିଛି ଏବଂ ବ୍ରହ୍ମପୁର, କଟକ ଓ ଭୁବନେଶ୍ୱରରେ କୋଭିଡ୍ ରୋଗୀଙ୍କଠାରେ ତାହାର ପ୍ରୟୋଗରୁ ଉତ୍ସାହଜନକ ଫଳ ମିଳୁଛି । ରାଷ୍ଟ୍ରୀୟ ସ୍ତରରେ ପ୍ରଧାନମନ୍ତ୍ରୀ ତିନୋଟି ପ୍ରମୁଖ ସହରରେ ଅତ୍ୟାଧୁନିକ ପରୀକ୍ଷଣ ଲ୍ୟାବ ଉଦ୍‌ଘାଟନ କରିଛନ୍ତି । ଯୁକ୍ତି ହେଲା- ସଂକ୍ରମିତଙ୍କ ପରୀକ୍ଷା ଯେତିକି ବଢ଼ିବ, ସେତେ ଅଧିକ ପଜିଟିଭ୍ ଚିହ୍ନଟ ହେବେ । ସ୍ଥିତିକୁ ଆୟତ୍ତ କରିବା ସକାଶେ କୋଭିଡ ଯୋଦ୍ଧାମାନେ ଉପାୟ ପାଇଯିବେ । ଏହି ପ୍ରକ୍ରିୟା ଭିତରେ ଶହ ଶହ କୋଭିଡ୍ ଡାକ୍ତରଖାନା ଖୋଲିଛି, ସଂଗରୋଧ କେନ୍ଦ୍ରରେ ହଜାର ହଜାର ଅଟକି ରହିଛନ୍ତି । ଘର ଘର ବୁଲି କୋଭିଡ ଯୋଦ୍ଧାମାନେ ଭୂତାଣୁ ସନ୍ଧାନ କରିବାରେ ବ୍ୟସ୍ତ ଅଛନ୍ତି । ସେଥିରେ କେତେ ସଫଳତା ମିଳୁଛି, ତାହାର ବିଚାର କ୍ଷେତ୍ର ଅଲଗା । ହେଲେ ଲକ୍‌ଡାଉନ୍, ସଟ୍‌ଡାଉନ୍, କଣ୍ଟେନ୍‌ମେଣ୍ଟ୍, ହଟ୍‌ସ୍ପଟ୍‌ଠାରୁ ବହୁ କିଛି ବ୍ୟବସ୍ଥା ସହିତ ଦେଶବ୍ୟାପୀ ସାମାଜିକ ଦୂରତ୍ୱ, ହାତଧୁଆ ଓ ମୁଖା ପରିଧାନ ଜରିଆରେ ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରଖାଯିବା ପ୍ରୟାସରୁ ସୁଫଳ ମିଳିପାରିଛି । ସଂକ୍ରମଣ ରୋକାଯିବା ଲାଗି ରାଜ୍ୟ ତଥା ଦେଶର ଅନେକ ଡାକ୍ତରଖାନାର ଆଉଟ୍‌ଡୋର ପେସେଣ୍ଟଙ୍କ ଚିକିତ୍ସା ବନ୍ଦ କରିଦିଆଯାଇଛି । ଛୋଟ ବଡ଼ ରୋଗ ପାଇଁ ଯେଉଁ ହଜାର ହଜାର ରୋଗୀ ଡାକ୍ତରକାନାରେ ପହଞ୍ଚିଯାଉଥିଲେ, ଆଉ ତାହା ହୋଇପାରୁନାହିଁ । ହୋଇପାରେ ରୋଗୀ ଓ ସମ୍ପର୍କୀୟଙ୍କ ଭିତଜନିତ ସଂକ୍ରମଣ ଭୟକୁ ରୋକିବା ସକାଶେ ଓପିଡ଼ି ବନ୍ଦ କରାଯାଇଛି । ହେଲେ ଅଣ-କୋଭିଡ୍ ରୋଗୀମାନଙ୍କ ଯନ୍ତ୍ରଣା କଥା ବୁଝୁଛି କିଏ ? ଏ ବାବଦରେ ଉଦାହରଣ ଖୋଜିବାକୁ ପଡ଼ିବ ନାହିଁ । ସପ୍ତାହକ ତଳେ ସୁନ୍ଦରଗଡ଼ର ପାନପୋଷର ଜଣେ ଭଉଣୀ ଯନ୍ତ୍ରଣାରେ ଛଟପଟ ହେଉଥିବା ତାଙ୍କ ଭାଇଙ୍କ ଚିକିତ୍ସା ପାଇଁ ଡାକ୍ତରବାବୁଙ୍କୁ ଖବର କରିଥିଲେ । ମାତ୍ର ଡାକ୍ତରବାବୁ ଆସିବାରେ ପାଞ୍ଚ/ଛଅ ଘଣ୍ଟା ବିଳମ୍ବ କରିନଥିଲେ, ହୁଏତ ରୋଗୀଙ୍କର ଜୀବନ ରକ୍ଷା ପାଇଯାଇଥାନ୍ତା । ବ୍ରହ୍ମପୁରରେ ଦିନକ ତଳେ ୧୦୮ ଗାଡ଼ି ଜଣେ ଅଣ-କୋଭିଡ ରୋଗୀଙ୍କୁ ନନେବାରୁ ଦାଣ୍ଡରେ ଛଟପଟ ହୋଇ ରୋଗୀଙ୍କର ମୃତ୍ୟୁ ଘଟିଲା । ରୋଗୀଙ୍କ ନାବାଳକ ପୁଅର ଶତ ଅନୁରୋଧ ସତ୍ତ୍ୱେ ଆମ୍ବୁଲାନ୍ସ ଡ୍ରାଇଭର କରୋନା ସଂକ୍ରମଣ ଭୟରେ ରୋଗୀଙ୍କୁ ନଉଠାଇ ଏକ ନିନ୍ଦନୀୟ ଉଦାହରଣ ଛାଡ଼ିଗଲେ । ପରେ ପ୍ରଶାସନ ଅବଶ୍ୟ ୧୦୮ ଆମ୍ବୁଲାନ୍ସରେ ଅଣ-କୋଭିଡ୍ ଗୁରୁତର ରୋଗୀଙ୍କୁ ଅବଶ୍ୟ ନେବେ ବୋଲି ନିର୍ଦ୍ଦେଶ କରିଛନ୍ତି । ଏବେ ମୁଖ୍ୟ ଶାସନ ସଚିବ ଘୋଷଣା କଲେ ଯେ, ଘରୋଇ ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଫେରାଇ ପାରିବେନି, ତାହା କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । କରୋନା ଯୋଦ୍ଧାମାନେ ଚିକିତ୍ସା ପ୍ରକ୍ରିୟା ଭିତରେ ସଂକ୍ରମଣର ଶିକାର ହେଉଛନ୍ତି । କିନ୍ତୁ ସେମାନଙ୍କୁ କୋଭିଡ୍‌ଠାରୁ ଅଧିକ ଦୟନୀୟ ଓ ଅମାନବିକତାର ଶିକାର ହେବାକୁ ପଡୁଛି । କୋଦଳା ଅଞ୍ଚଳରେ ଜଣେ ପୁଲିସ କର୍ମଚାରୀଙ୍କ ଶବ କିଭଳି ରାସ୍ତା ମଝିରେ ଘଣ୍ଟା ଘଣ୍ଟା ଧରି ପଡ଼ିରହିଲା, ତାହା ରାଜ୍ୟବାସୀ ଦେଖିଛନ୍ତି । ଆସିକା ଅଞ୍ଚଳରେ ଜଣେ କରୋନା ଯୋଦ୍ଧା ଶିକ୍ଷକ ସିଦ୍ଧାର୍ଥ ଶଙ୍କର ଅସୁସ୍ଥତା ଭିତରେ ଆମ୍ବୁଲାନ୍ସ ଗାଡ଼ି ମିଳିବାରେ ପାଞ୍ଚ ଘଣ୍ଟା ଡେରି ହୋଇଗଲା ବୋଲି ଡାକ୍ତରଖାନାରେ ପହଞ୍ଚିବାରେ ବିଳମ୍ବ ପାଇଁ ତାଙ୍କର ମୃତ୍ୟୁ ହେଲା । କୋଭିଡ ପାଇଁ ସମସ୍ତେ ତତ୍ପରତା ଦେଖାଉଛନ୍ତି, ତାହାରି ଭିତରେ ବଳିପଡୁଛି ଅଣ-କୋଭିଡ ରୋଗୀଙ୍କ ଯନ୍ତ୍ରଣା । କର୍ତ୍ତୃପକ୍ଷ ଏ ବାବଦରେ ଧ୍ୟାନଦେବା ମାନବିକ ଦାୟିତ୍ୱରେ ଯାଉଛି ।

ନିଷ୍ଠୁର କରୋନା ପାଇଁ....

ସିଦ୍ଧେଶ୍ୱର ତ୍ରିପାଠୀ

ହଜିତ ଯାଇଛି ମଣିଷ ପଣିଆ
ନିଷ୍ଠୁର କରୋନା ପାଇଁ
ଏମିତି ରୋଗସେ ସବୁଠୁ ବ୍ୟାପୁଛି
ନିର୍ଦ୍ଦିଷ୍ଟ ଔଷଧ ନାହିଁ ।

କେତେକେତେ ଦେଶ ପ୍ରଚେଷ୍ଟା କରିଣ
ତିଆରି ଅଛନ୍ତି ଟୀକା
ତଥାପି ଏଯାଏଁ କରୋନା ପାଖରେ
ଚିକିତ୍ସା ପଦ୍ଧତି ଫିକା ।

ରୋଗୀକୁ ମିଳୁଛି ନିନ୍ଦା ଅପବାଦ
ଶବକୁ ମିଳୁନି କାନ୍ଧ

ବିକେକ ବିହୀନ ଅନ୍ଧ ସମାଜ
ଆଖି ଥାଇ ସାଜେ ଅନ୍ଧ ।

ଚୀନରୁ ଆସି ସାରା ପୃଥିବୀରେ
ଏ ରୋଗ ସାଜିଛି ଦାଉ
ହେ ଦଇବ ତୁମେ କରହେ କରୁଣା
ସମୂଳେ ବିନାସ ଯାଉ ।

ଭୋକ ଶୋଷ ନିଦ ହଜେଇ ଦେଇଛି
ଆସିଲା ପରେ ଏ ରୋଗ
ଗାଁଠୁ ସହରର ସବୁଠି ଦିଶୁଛି
ଅର୍ଥ ଅଭାବର ଦାଗ ।

ଦାଦନ ଫେରିଛି ତା ଭିଟାମାଟିକୁ
ରୋଜଗାର କିଛି ନାହିଁ
ଲକ୍ ଡାଉନ ଆଉ ସଟ୍ ଡାଉନରେ
କାମ ବା ମିଳିବ କାହିଁ ।

ଦେଶ ଅର୍ଥନୀତି ଭୁଶୁଡ଼ି ଗଲାଣି
କମିଲାଣି କାରବାର
କରୋନା ପାଇଁକି ଏ ସମାଜ ଆଜି
ହେଲାଣି ତ ଛାରଖାର ।

+ କୁଣ୍ଡିଲୋ କେରଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

ସଦ୍‌ଗୁରୁ ସ୍ୱାମୀ ଶ୍ରୀଆତ୍ମାନନ୍ଦଜୀ ମହାରାଜ



ଜନ୍ମ ଓ ପିଲାଦିନ:

ସ୍ୱାମୀ ଶ୍ରୀଆତ୍ମାନନ୍ଦଜୀ ୧୯୫୧ ମସିହା ଜୁନ୍ ମାସ ୧୮ ତାରିଖ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ ନରସିଂହପୁର ବ୍ଲକର ତ୍ରିଲୋଚନପୁର ଶାସନ ଗ୍ରାମରେ ଗୋଟିଏ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମଲାଭ କରିଥିଲେ । ସ୍ୱାମୀଜୀଙ୍କ ପୂର୍ବାଶ୍ରମର ନାମ ଥିଲା ନିରଞ୍ଜନ ଦେବ । ସ୍ୱାମୀଜୀଙ୍କର ପିଲାଦିନର ଅନେକ ସମୟ ଗୋସେଇଁ ଅଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶ୍ରମରେ କଟିଥିଲା । ସ୍ୱାମୀଜୀ ନରସିଂହପୁର ଓ କଟକ ପ୍ୟାରିମୋହନ ଏକାଡେମୀରେ ଅଧ୍ୟୟନ କରି ହାଇସ୍କୁଲ ପାସ୍ କରିବା ପରେ କଟକର ପ୍ରସିଦ୍ଧ ରେଭେନ୍‌ସା କଲେଜ୍‌ରେ (ୟୁନିଭର୍‌ସିଟି) ଅଧ୍ୟୟନ କରୁଥିବା ସମୟରେ କେନ୍ଦ୍ର ସରକାରଙ୍କର ଛାତ୍ରବୃତ୍ତି ପାଇ ପଶ୍ଚିମବଙ୍ଗର ବୋଲପୁର ଠାରେ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କର ଶାନ୍ତିନିକେତନରେ ଅର୍ଥନୀତିରେ ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ । ତା ପରେ ସ୍ୱାମୀଜୀ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ୟୁନିଭର୍‌ସିଟି ଯାଇଥିଲେ । ଦିଲ୍ଲୀରେ ଥିବା ସମୟରେ ଅର୍ଥନୀତିରେ ସ୍ନାତକୋତ୍ତର ଓ ମ୍ୟାନେଜ୍‌ମେଣ୍ଟ ଡିଗ୍ରୀ ହାସଲ କଲା ପରେ ସ୍ୱାମୀଜୀ ଅନେକ ଘରୋଇ ଉଦ୍ୟୋଗରେ କାର୍ଯ୍ୟରତ ଥିଲେ ।

କର୍ମଜୀବନ/ସମାଜସେବା:

କିଛିବର୍ଷ ପ୍ରାଇଭେଟ୍ ସେକ୍ଟରରେ କାମ କଲା ପରେ ନିଜର ବ୍ୟକ୍ତିଗତ ଜୀବନ ପାଇଁ ଅର୍ଥ ଉପାର୍ଜନ କରିବାକୁ ସ୍ୱାମୀଜୀ ଉଚିତ୍ ମନେକଲେ ନାହିଁ । ଗରିବ ଏବଂ ନିଷ୍ପେସିତ ବର୍ଗର ଲୋକଙ୍କ ଅର୍ଥନୈତିକ ଉନ୍ନତି ପାଇଁ କିଛି କରିବାକୁ ମନରେ ପ୍ରେରଣା ଆସିବାକୁ ସ୍ୱାମୀଜୀ ପ୍ରାଇଭେଟ୍ ସେକ୍ଟର୍ ଛାଡ଼ି ସମାଜସେବା କର୍ମରେ ଲାଗିଗଲେ। ଏହି ସମୟରେ ସେ ଓଡ଼ିଶା ଓ ମଧ୍ୟପ୍ରଦେଶ ଉପାନ୍ତବର୍ତ୍ତୀ ଅଞ୍ଚଳ, ଉତ୍ତରପ୍ରଦେଶ ମୀର୍ଜାପୁର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳ ଏବଂ ରାଜସ୍ଥାନର ଆବୁରୋଡ ତହସିଲ୍ ଓ ଗୁଜୁରାଟର ଆମ୍ବାଜୀ ତହସିଲ୍ ମଧ୍ୟବର୍ତ୍ତୀ ଉପାନ୍ତ ଅଞ୍ଚଳରେ ଦରିଦ୍ର ଓ ଅତି ଦରିଦ୍ର ଆଦିବାସୀମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ସେହି ସମୟରେ ସ୍ୱାମୀଜୀ ଭାରତ ତଥା ପୃଥିବୀର ଅନେକ ଦେଶର ଅନେକ ବଦାନ୍ୟ ବ୍ୟକ୍ତି, ଦାର୍ଶନିକ ଓ ବିଦ୍ୱାନ୍‌ଙ୍କ ନିବିଡ଼ ସମ୍ପର୍କରେ ଆସିଥିଲେ । ଅର୍ଥଶାସ୍ତ୍ର ଓ ମ୍ୟାନେଜ୍‌ମେଣ୍ଟ୍‌ରେ ଉଚ୍ଚତର ଶିକ୍ଷା ଲାଭ କରିଥିବାରୁ ସ୍ୱାମୀଜୀ ମ୍ୟାନେଜ୍‌ମେଣ୍ଟ୍ କନ୍‌ସଲ୍‌ଟାଣ୍ଟ୍ ହିସାବରେ କାମ କରୁଥିଲେ ।

ଗୃହସ୍ଥାଶ୍ରମ:

୧୯୭୭ ମସିହାରେ ସ୍ୱାମୀଜୀ ଗୃହସ୍ଥାଶ୍ରମରେ ପ୍ରବେଶ କଲେ । କିନ୍ତୁ ମାତ୍ର ୧୦ ବର୍ଷରୁ କମ୍ ସମୟ ଗୃହସ୍ଥ ଭାବରେ ରହି ଅନ୍ତରର ନିର୍ଦ୍ଦେଶ ଲାଭ କରି ୧୯୮୭ ମସିହାର ଗୃହତ୍ୟାଗ କଲେ । ୧୯୮୭ ମସିହାର ଶେଷ ଭାଗରେ ସ୍ୱାମୀଜୀ ବିଶ୍ୱବିଖ୍ୟାତ ଯୋଗୀ ତଥା ଭାଗାତୀତ ଧ୍ୟାନର ପ୍ରବର୍ତ୍ତକ ମହେଶ ଯୋଗୀଙ୍କର ଡାକରା ପାଇ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗ୍ଲୋବାଲ୍ ଗ୍ରୀନ୍ ରିଭୋଲ୍ୟୁସନ୍ ପ୍ରୋଜେକ୍ଟର ଗ୍ଲୋବାଲ୍ ଡାଇରେକ୍ଟର ପଦବୀରେ ଯୋଗ ଦେଲେ । ମହର୍ଷି ହେଭେନ୍ ଅନ୍ ଆର୍ଥ୍ କମ୍ପାନୀର ଫାଇନାନ୍‌ସ ଡାଇରେକ୍ଟର ଥିବା ସମୟରେ ସ୍ୱାମୀଜୀ ଦକ୍ଷିଣ ଆମେରିକାର ବ୍ରାଜିଲ୍ ସରକାରଙ୍କ ସହ ମହର୍ଷି ଫାଉଣ୍ଡେସନ୍ ତରଫରୁ ଏକ ଅର୍ଥନୈତିକ ଚୁକ୍ତି ସ୍ୱାକ୍ଷର କରାଇ ବ୍ରାଜିଲ୍ ଦେଶର ବୈଦେଶିକ ଋଣ ପରିଶୋଧନ ଉପାୟ ବାହାର କରିବାରେ ସଫଳ ହୋଇଥିଲେ । ଏହା ପରେ ସ୍ୱାମୀଜୀ ଆନ୍ତର୍ଜାତିକ ମହଲରେ ଜଣେ ଦକ୍ଷ ଅର୍ଥନୀତିବିତ୍ ଏବଂ କନ୍‌ସଲ୍‌ଟା ଭାବେ ସୁନାମ ଅର୍ଜନ କରିଥିଲେ ।

ସାଧନା ଜୀବନ:

୧୯୯୧ ମସିହାର ମହର୍ଷିଙ୍କ ଆଶୀର୍ବାଦ ନେଇ ସ୍ୱାମୀଜୀ ମହର୍ଷି ଆନ୍ଦୋଳନରୁ ବିଦାୟ ନେଲେ ଓ ନିଜର ଆଧ୍ୟାତ୍ମିକ ସାଧନାରେ ମନୋନିବେଶ କରି ସମଗ୍ର ଭାରତ ପରିକ୍ରମା କଲେ । ସ୍ୱାମୀଜୀ ପିଲାଦିନରୁ ସଦ୍‌ଗୁରୁ ଶ୍ରୀ ଶ୍ରୀ ନିଗମାନନ୍ଦ ସ୍ୱରସ୍ୱତୀଙ୍କ କୃପା ଲାଭ କରି ଛାତ୍ରାବସ୍ଥାରୁ ଯୋଗସାଧାନ କରୁଥିଲେ ଓ ଅନେକ ଯୋଗସିଦ୍ଧି ଲାଭ କରିଥିଲେ ମଧ୍ୟ ବାହ୍ୟଜଗତକୁ ଏସବୁ କିଛି ସୂଚନା ଦେଉ ନଥିଲେ । ଭାରତ ପରିକ୍ରମା କରିବା ସମୟରେ ଅନେକ ସିଦ୍ଧକ୍ଷେତ୍ର, ତୀର୍ଥସ୍ଥାନ ଓ ଧର୍ମସ୍ଥଳରେ ରହି ଯୋଗସିଦ୍ଧିର ବିଭିନ୍ନ ଅବସ୍ଥା ଅତିକ୍ରମ କରିଥିଲେ । କିନ୍ତୁ କୌଣସିଥିରେ ସ୍ୱାମୀଜୀଙ୍କର ପୂର୍ଣ୍ଣତା ଆସିବା ସେ ଅନୁଭବ କରିପାରିଲେ ନାହିଁ ।

ସବିକଳ୍ପ ସମାଧ:

ଭାରତ ବହୁ ଭାରତ ବହୁ ପ୍ରାନ୍ତର ବୁଲି ବୁଲି ଶେଷରେ ସେ ପଣ୍ଡିଚୋରୀର ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ପହଞ୍ଚିଲେ । ପଣ୍ଡିଚେରୀରେ ଥିବା ଅବସ୍ଥାରେ ସ୍ୱାମୀଜୀ ପ୍ରଥମେ ସବିକଳ୍ପ ସମାଧିର ଅନୁଭବ ଲାଭ କଲେ । ପଣ୍ଡିଚେରୀର ପ୍ରସିଦ୍ଧ ସାଧକ ବାବାଜୀ ମହାରାଜ ସ୍ୱାମୀଜୀଙ୍କ ଯୋଗସିଦ୍ଧି ବିଷୟରେ ଜାଣିବା ପରେ ସ୍ୱାମୀଜୀଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ । ପଣ୍ଡିଚୋରୀରେ ସାଧନା ସମାପ୍ତ ହୋଇଛି ବୋଲି ସ୍ୱାମୀଜୀ ଅନୁଭବ କଲେ ଓ ମହାମାୟାଙ୍କ ଠାରୁ ନିର୍ଦ୍ଦେଶ ପାଇ ତାମିଲନାଡୁର ତିରୁବନ୍ନମଲାଇସ୍ଥିତ ପ୍ରସିଦ୍ଧ ଅରୁଣାଚଳମ୍ ପାହାଡ଼ରେ ପାଦଦେଶରେ ପହଞ୍ଚିଲେ ।

ନିର୍ବିକଳ୍ପ ସମାଧ:

ସେତେବେଳ ତିରୁବନ୍ନମଲାଇ ଭାରତର ଏକ ପ୍ରସିଦ୍ଧ ସିଦ୍ଧକ୍ଷେତ୍ର ବୋଲି ପରିଚିତ ହୋଇ ସାରିଥିଲେ । ଭାରତ ତଥା ପୃଥିବୀର ଅନେକ ପ୍ରାନ୍ତରରୁ ବିଭିନ୍ନ ଯୋଗୀ, ଋଷି, ମହାତ୍ମା ଏବଂ ସିଦ୍ଧମାନେ ତିରୁବନ୍ନମଲାଇ ଆସୁଥିଲେ । ଅରୁଣାଚଳମ୍, ପାହାଡ଼ରେ ଥିବା ଅନେକ ଗୁମ୍ଫାରୁ ଗୋଟିଏ ଗୁମ୍ଫାରେ ପ୍ରବେଶ କରି ସ୍ୱାମୀଜୀ ସାଧନାର ଅନ୍ତିମ ଅବସ୍ଥା ନିର୍ବିକଳ୍ପ ସମାଧି ପାଇଁ ଅପେକ୍ଷା କରି ରହିଲେ । ସ୍ୱାମୀଜୀଙ୍କର ଯୋଗସସାଧନା ତୀବ୍ରରୁ ତୀବ୍ରତର ହେଲା । ପରିଶେଷରେ ୧୯୯୩ ମସିହା ଗୁରୁପୂର୍ଣ୍ଣିମାର ଜ୍ୟୋତ୍ସ୍ନାସ୍ନାତ ରଜନୀରେ ସ୍ୱାମୀଜୀ ନିର୍ବିକଳ୍ପ ଭୂମିରୁ ଫେରିଆସିଲା । ପରେ ସେ ଅନେକ ଦିନ ଧରି ମୌନ ରହୁଥିଲେ । ସେତେବେଳେ ସ୍ୱାମୀଜୀଙ୍କୁ କେହି ଜାଣି ନଥିଲେ କାରଣ ସେ କିଛି କଥାବାର୍ତ୍ତା କରୁନଥିଲେ । ଧୀରେ ଧୀରେ ତାଙ୍କ ପାଖକୁ ଅନେକ ଲୋକ ଆସିବାକୁ ଆରମ୍ଭ କଲେ । ସ୍ୱାମୀଜୀଙ୍କ ପାଖରେ କିଛି ସମୟ ବସିବା ପରେ ସମସ୍ତେ ମନରେ ଶାନ୍ତି ଓ ପ୍ରାଣରେ ଆନନ୍ଦ ଅନୁଭବ କରୁଥିଲେ । ସାଧକମାନେ ଅନେକ ପ୍ରଶ୍ନ ପଚାରୁଥିଲେ ମଧ୍ୟ ସ୍ୱାମୀଜୀ କୌଣସି ପ୍ରଶ୍ନର ଉତ୍ତର ନଦେଇ କେବଳ ନୀରବରେ ପ୍ରଶ୍ନକର୍ତ୍ତାଙ୍କୁ ଚାହୁଁଥିଲେ । ଏହି ଅବସ୍ଥାରେ ବାରମ୍ବାର ସେ ସମାଧିସ୍ଥ ହୋଇ ପଡୁଥିଲେ । ସ୍ୱାମୀଜୀଙ୍କର ସେହି ନୀରବତା ଭିତରୁ ହିଁ ସାଧକମାନେ ତାଙ୍କ ପ୍ରଶ୍ନରର ଉତ୍ତର ପାଇ ପାରୁଥିଲେ ।

ଗୁରୁଭାଇ ବହନ ଓ ବିଦେଶ ଯାତ୍ରା

ବିଧିର ବିଧାନ ଅନୁସାରେ ସ୍ୱାମୀଜୀଙ୍କ ପାଖରୁ ବିଦେଶରୁ ଏପରି ଏକ ଯୋଗୀ ଆସି ପହଞ୍ଚିଲେ ସିଏ ସ୍ୱାମୀଜୀଙ୍କ ଏଇ ନୀରବତା ଭିତରୁ ଉଠାଇ ଆଣିବାକୁ ସକ୍ଷମ ହୋଇଥିଲେ । ସେ ଥିଲେ ପ୍ୟାଟି ମାର୍ସଲ୍ ନାମକ ଜଣେ ମହାୟସୀ ସିଏ ନିଜେ ଥିଲେ ଜଣେ ପ୍ରସିଦ୍ଧ ଯୋଗୀ । ସେ ସ୍ୱାମୀଜୀଙ୍କୁ ଗୁରୁ ଭାବରେ ଗ୍ରହଣ କଲେ ଓ ଆମେରିକା ଆସିବା ପାଇଁ ନିବେଦନ କଲେ । ତାଙ୍କରି ନିବେଦନ ରକ୍ଷା କରି ସ୍ୱାମୀଜୀ ୧୯୯୫ ମସିହାରେ ଆମେରିକା ଯାତ୍ରା କଲେ । ତା'ପରେ ସବୁକିଛି ବଦଳି ଗଲା । ଆମେରିକାର ନେଭେଡା ରାଜ୍ୟର ରାଜଧାନୀ କାର୍ସନ୍ ସିଟିର ଉପକଣ୍ଠରେ ଥିବା ସିଲ୍‌ଭର୍ ସିଟିରେ ସ୍ୱାମୀଜୀଙ୍କର ପ୍ରଥମ ଆଶ୍ରମ ପ୍ରତିଷ୍ଠା ହେଲା । ଯେଉଁଠାରେ ଆଶ୍ରମ ପ୍ରତିଷ୍ଠା ହେଲା, ତାହା ହେଉଛି ସୁନା ଓ ରୂପା ଧାତୁ ପୂର୍ଣ୍ଣ ଏକ ବଡ଼ ପାହାଡ଼ । ସେହି ପାହାଡ଼କୁ କୁହାଯାଏ ଗୋଲ୍‌ଡ ହିଲ୍ । ଗୋଲ୍‌ଡ ହିଲ୍ ଆକ୍ଷରିକ ଅର୍ଥ ସୁନାର ପାହାଡ଼ । ସମୁଦ୍ର ପତ୍ତନରୁ ୬୦୦୦ ଫୁଟ ଉଚ୍ଚରେ ଅବସ୍ଥିତ ସିଲ୍‌ଭର୍ ସିଟି ହେଉଛି ଟାଙ୍ଗରା ପାହାଡ଼ ପରିପୂର୍ଣ୍ଣ ଏକ ଛୋଟ ସହର । ୧୮୦୦ ଶତାବ୍ଦୀରୁ ସିଲ୍‌ଭର ସିଟି ପୃଥିବୀର ଖଣିଜ ସମ୍ପଦ ମାନଚିତ୍ରରେ ସୁନା ଓ ରୂପାର ସହର ଭାବରେ ପରିଚିତ । ଆମେରିକାର ସେହି ପାହାଡ଼ ଉପରେ ସ୍ୱାମୀଜୀଙ୍କର ଶିଷ୍ୟା ପ୍ୟାଟି ମାର୍ସଲ ନିର୍ମାଣ କଲେ ଗୁରୁଙ୍କ ପାଇଁ ପ୍ରଥମ ଗୁରୁକୁଟୀର । ଗୁରୁକୁଟୀରରେ ସ୍ୱାମୀଜୀ ରହୁଥିବାବେଳେ ଅନେକ ସାଧକ ସ୍ୱାମୀଜୀଙ୍କ ଯୋଗଶକ୍ତି ଦ୍ୱାରା ଆକର୍ଷିତ ହୋଇ ଆସୁଥିଲେ ।

ସ୍ୱାମୀଜୀଙ୍କ ସାଧନା ଓ ଦର୍ଶନ:

ସ୍ୱାମୀଜୀଙ୍କର କଡ଼ା ନିର୍ଦ୍ଦେଶ ଥିଲା ଶିଷ୍ୟମାନେ ତାଙ୍କ ବିଷୟରେ ଅନ୍ୟକୁ କିଛି ନକୁହନ୍ତୁ । କୌଣସି ପ୍ରକାରର ବିଜ୍ଞାପନ, ପୋଷ୍ଟର୍ ବା ପ୍ରଚାର ମାଧ୍ୟମରେ ଗୁରୁଙ୍କ ବିଷୟରେ ଅନ୍ୟକୁ ଅବଗତ କରାଇବାର ସେ ବିରୋଧୀ ଥିଲେ । ସ୍ୱାମୀଜୀ କୁହନ୍ତି- "ମହୁମାଛି ଖୋଜିବା ଦରକାର ନାହିଁ, ରାଣୀ ମହୁମାଛି ଯେଉଁଠାରେ ଥିବ ସବୁ ମହୁମାଛି ସେଠାକୁ ଆପେ ଆପେ ଆସିବେ ।" ତାହାହିଁ ହେ

ଚିନାବାଦାମ

ଚିନାବାଦାମ ମଣିଷ ପାଇଁ ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏଥିରେ ପ୍ରୋଟିନ ସହିତ ବିଭିନ୍ନ ପ୍ରକାର ଭିଟାମିନ ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ବିଷାକ୍ତ ପ୍ରତିକ୍ରିୟାରୁ ଦେହକୁ ରକ୍ଷା କରିଥାଏ । ଏଥିରେ ଲୌହ , କ୍ୟାଲିସିୟମ, ଜିଙ୍କ, ମ୍ୟାଗ୍ନେସିୟମ, ପୋଟାସିୟମ , ସେଲେନିୟମ, ମାଙ୍ଗାନିଜ ଓ କପର ପ୍ରଭୃତି ଭରପୂର ପରିମାଣରେ ରହିଥାଏ ।

ଚିନାବାଦାମରେ ଥିବା 'ନିଆସିନ' ଆଲାଜାଇମର ପରି ରୋଗର ଏକ ଉତ୍ତମ ପ୍ରତିରୋଧକ । ଏହା ମସ୍ତଷ୍କରେ ରକ୍ତ ପ୍ରବାହ ବୃଦ୍ଧି କରି ଆଲାଜାଇମର ଆଶଙ୍କାକୁ ଦୂରକରେ ।

ଏଥିରେ ଥିବା ଭିଟାମିନ ଇ ତ୍ୱଚାକୁ ସ୍ନିଗ୍ଧ ଓ କୋମଳ କରିବା ସହ ଚମକ ବୃଦ୍ଧି କରେ । ତା ସହିତ ବୟସର ପ୍ରଭାବକୁ ମଧ୍ୟ ହ୍ରାସ କରେ ।

ଚିନାବାଦାମରେ ଭିଟାମିନ ଏତ ମଧ୍ୟ ରହିଛି । ଏଥିରେ ଥିବା 'ବାୟୋଟିନ' ବଳ ଓ ନଖ ପାଇଁ ଅତ୍ୟନ୍ତ ଉପଯୋଗୀ ।

ଶିଶୁ ଓ କିଶୋର/ କିଶୋରୀଙ୍କ ପାଇଁ ଚିନାବାଦାମ ଏକ ଉତ୍ତମ

ଖାଦ୍ୟ । ଏହା ସେମାନଙ୍କ ଶରୀରିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରେ ।

ଚିନାବାଦାମ ନିୟମିତ ଖାଇଲେ ମଧୁମେହ ଆଶଙ୍କା ଶତ ପ୍ରତିଶତ ଦୂର ହୁଏ ।

ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରେ ।

ଶରୀରରେ ଥିବା କ୍ୟାଲସିୟମର ଅବଶୋଷଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ପାକଶକ୍ତିକୁ ଦୃଢ଼ କରେ ।

ଏଥିରେ ଥିବା 'ଟ୍ରିପଟୋଫୋନ' ନାମକ ଆମିନୋଏସିହ ମାନସିକ ସ୍ଥିରତା ପ୍ରଦାନ କରିବା ସହ ଚାପ ଦୂର କରେ ।

ଖରାପ କୋଲେଷ୍ଟାରଲ ନାଶ କରିବା ସହ ଭଲ କୋଲେଷ୍ଟରଲ ବୃଦ୍ଧି କରି ହୃଦରୋଗ ଆଶଙ୍କା ଦୂର କରେ ।

ପେଟ କ୍ୟାନସର, ବ୍ରେଷ୍ଟ କ୍ୟାନସର ଓ ଫଙ୍ଗାଲ ଇନଫେକ୍ସନର ଉତ୍ତମ ପ୍ରତିରୋଧକ ।

ବ୍ରଣରୁ ରକ୍ଷା ପାଇବାରୀ ଘରୋଇ ଉପାୟ

ଯୁବତୀମାନଙ୍କର ଏକ ପ୍ରମୁଖ ସମସ୍ୟା ହେଲା ତ୍ୱଚାରେ ବ୍ରଣ ହେବା । ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ଖରାପ କରିବା ସହ ଏହାର ଦାଗ ମଧ୍ୟ ସହଜରେ ଯାଇନଥାଏ । ଏଣୁ ଏହାର ସୁନ୍ଦର ତଥା ସରଳ ଘରୋଇ ଉପଚାର ହେଲା ଶୁଦ୍ଧ ହଳଦୀକୁ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସାମିଲ କରାନ୍ତୁ ।

- ୧ ଚାମଚ ଶୁଦ୍ଧ ମହୁ ଓ ଅଧ ଚାମଚ ହଳଦୀକୁ ମିଶାଇ ବ୍ରଣ ଉପରେ ଲଗାନ୍ତୁ । ୧୦-୧୨ ମିନିଟ୍ ପରେ ଥଣ୍ଡା ପାଣିର ଛିଟା ମରିବେ । ନିୟମିତ ଏପରି କଲେ ବ୍ରଣ ଦୂର ହେବା ସହ ଦାଗ ମଧ୍ୟ ଦୂର ହୋଇଥାଏ ।
- ୧ଚାମଚ ଦହିରେ ଅଧ ଚାମଚ ହଳଦୀ ମିଶାଇ ସେହି ପ୍ୟାକକୁ ବ୍ରଣରେ ଲଗାଇବା ସହ ପୂରା ମୁହଁରେ ମଧ୍ୟ ଲଗା ଇପାରିବେ । ପ୍ୟାକ୍ ଶୁଖିବା ପରେ ଭଲ ଭାବେ ମୁହଁ ଧୋଇନିଅନ୍ତୁ । ସପ୍ତାହକୁ ୩-୪ଥର ଏପରି କରିବା ଉଚିତ ।
- ନିମ୍ବ ପତ୍ର ଗୁଣ୍ଡ ୨ଚାମଚରେ ୧ଚାମଚଜ ହଳଦୀ ଓ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ଭଳି କାମ କରିଥାଏ । ବ୍ରଣ ଓ ଦାଗରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଏହି ପ୍ୟାକ୍ ଲଗାଇବା ଭଲ ।
- ୧ବଡ଼ ଚାମଚ ଲେମ୍ବୁ ରସରେ ଅଧ ଚାମଚ ହଳଦୀ ଗୁଣ୍ଡ ମିଶାଇ ତାହାକୁ ବ୍ରଣରେ ଲଗାଇପାରିବେ । ୧୦-୧୨ ମିନିଟ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ ।
- ବେସନ, ହଳଦୀ ତଥା ଦହି ପ୍ୟାକ୍ ମଧ୍ୟ ବ୍ରରକୁ ଦୂରେଇ ବାରେ ସାହାଯ୍ୟ କରେ । ଅନ୍ୟ ଏକ ଘରୋଇ ପ୍ୟାକ୍ ହେଲା ଚନ୍ଦନଗୁଣ୍ଡ ପାଉଡର ଓ ଚିମୁଟାଏ ହଳଦୀରେ

କଞ୍ଚା ଖିର ମିଶାଇ ତ୍ୱଚାରେ ଲଗାଇପାରିବେ ।
- କଞ୍ଚା ଖିର ଓ ଚିମୁଟାଏ ହଳଦୀର ପ୍ୟାକ୍ ମଧ୍ୟ ବ୍ରଣ ଦାଗ ଦୂର କରିବାରେ ସହାୟକ ହୋଇଥାଏ
- ଦୈନିକ ସ୍ନାନ ପୂର୍ବରୁ ଘିକୁଆରୀ ରସରେ ଚିମୁଟାଏ ହଳଦୀ ମିଶାଇ ପବ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ମାସେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ବ୍ରଣ ଓ ଦାଗ ଦୂର ହୋଇଥାଏ ।

କ୍ଷୀରରେ ସୌନ୍ଦର୍ଯ୍ୟ ଚର୍ଚ୍ଚା

କ୍ଷୀର ସହଜରେ ଉପଲବ୍ଧ । ଏହାକୁ ଏହାକୁ ବ୍ୟବହାର କରି ଉତ୍ତମ ସୌନ୍ଦର୍ଯ୍ୟଚର୍ଚ୍ଚା କରିହେବ। ଗ୍ରୀକ୍ ସୁନ୍ଦରୀ କ୍ଲେଓପାଟ୍ରା ନିୟମିତ୍ ଭାବେ ଖିରର ପ୍ରୟୋଗ ନିଜ ତ୍ୱଚାରେ କରୁଥିବା ଇତିହାସରୁ ଜଣାପଡ଼େ । ତ୍ୱଚାକୁ ସଫା ରଖିବା ନିମନ୍ତେ କ୍ଷୀର ସବୁଠୁ ଉତ୍ତମ ସାମ୍ରଗୀ । ସକାଳୁ ଉଠିବା ପରେ ହେଉ କିମ୍ବା ବାହାର ଆସିବା ପରେ ତୁଳାକୁ କ୍ଷୀରରେ ଭିଜାଇ ମୁହଁକୁ ଭଲଭାବରେ ପୋଛିନିଅନ୍ତୁ ।

କେଶ ଶୁଷ୍କ ଥିଲେ କିମ୍ବା ରୁପି ହେଉଥିଲେ, କଞ୍ଚାକ୍ଷୀରକୁ ତୁଳା ସାହାଯ୍ୟରେ ନେଇ କେଶରେ ଲଗାନ୍ତୁ । ୨୦ ମିନିଟ୍ ପରେ କେଶ ଧୋଇନିଅନ୍ତୁ । ନିୟମିତ ଭାବରେ ୧୫ଦିନ ଏହିପରି କରିବା ଦ୍ୱାରା କେଶରେ ଚମକ ଆସିଥାଏ ।

୩ଚାମଚ ଖିରରେ ୨ଚାମଚ କମଳା ରସ ନିୟମିତ ଲଗାଇବା ଦ୍ୱାରା ତ୍ୱଚା ସଫା ହୋଇଥାଏ ।

ଭଲ ଭାବରେ ସିଝା ହୋଇଥିବା କ୍ଷୀରରେ ୧ଛୋଟ ଚାମଚ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ । ୨୦ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇ ନିଅନ୍ତୁ ।

କ୍ଷୀର ଓ ଆଳୁରସକୁ ମିଶାଇ ତ୍ୱଚାରେ ଲଗାଇଲେ ଦାଗ ଦୂର ହେବା ସହ କୋମଳ ହୋଇଥାଏ ।

ପେସ୍ତାବାଦାମ ଗୁଣ୍ଡରେ କ୍ଷୀର ମିଶାଇ ମୁହଁ, ବେକ, ହାତ ଓ ଗୋଡ଼ରେ ଲଗାଇବା ଦ୍ୱାରା ତ୍ୱଚାରେ ଚମକ ଆସେ ।

ସ୍ମାର୍ଟ ଫୋନ ବ୍ୟାଟେରି ନିରାପତ୍ତାର ନୂଆ ପଦ୍ଧତି

ସ୍ମାର୍ଟ ଫୋନ, ଲାପଯପ୍ ଭଳି ଇଲେକ୍ରୋନିକସ ସାମଗ୍ରୀରେ ବ୍ୟବହୃତ ବ୍ୟାଟେ ସାଧାରଣତଃ ଲିଥିଅମ-ଆୟନ ଉପାଦାନରେ ତିଆରି । ଏହି ବ୍ୟାଟେରି ସଂପୂର୍ଣ୍ଣ ବିପଦଶୂନ୍ୟ ନୁହେଁ । ଅଧିକ ସମୟ ଧରି ଫୋନ ବ୍ୟବହାର ଦ୍ୱାରା ବ୍ୟାଟେରି ତରଳିଯିବା କିମ୍ବା ମୋବାଇଲରୁ ନିଆଁ ବାହାରିବା ଭଳି ସମସ୍ୟା ହୁଏ । ଏପରି ସମସ୍ୟାରୁ ରକ୍ଷା ପାଇଁ ଆମେରିକାର ଡ୍ରେକ୍ସେଲ ବିଶ୍ୱବଦ୍ୟାଳୟର କାରିଗରୀ ବିଶେଷଜ୍ଞମାନେ ଏକ ନୂଆ ପଦ୍ଧତି ବିକଶିତ କରିଛନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି 'ନାନୋଡାଇମର୍ଡ' ନାମକ ଏକ ସୂକ୍ଷ୍ମ ଉପାଦାନ, ଯାହା ଖଣ୍ଡେ କେଶ ମୋଟେଇର ଦଶ ହଜାର ଭାଗରୁ ମାତ୍ର ଏକ ଭାଗ ।

ମହୁର ଚମତ୍କାରୀ ଉପଯୋଗ

ମହୌଷଧି ମହୁକୁ ନିୟମିତ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ବିଶେଷଜ୍ଞଙ୍କ ପରାମର୍ଶରେ ପିଲାଠାରୁ ବୟସ୍କ ଆବଶ୍ୟକ ପରିମାଣରେ ମହୁ ଖାଇବା ଉଚିତ ।

୧ଚାମଚ ମହୁରେ ଅଧ ଚାମଚ ପାଣି ମିଶାଇ କେଶରେ ଲଗାନ୍ତୁ । ୧୫ମିନିଟ୍ ପରେ କେଶ ଶ୍ୟାମ୍ପୁ କଲେ କେଶ କୋମଳ ହେବା ସହ ଚମକପ୍ରଦ ହୁଏ ।

ମହୁ, ପାଣି ଓ ଭିନେଗାରକୁ ସମାନ ଭାବରେ ମିଶାଇ ସ୍ପ୍ରେ ପରି ଗଛରେ ପକାନ୍ତୁ । ଏହା ଏକ କୀଟନାଶକ ଭଳି କାମ କରେ ।

ବ୍ରଣକୁ ତୁରନ୍ତ ଦବାଇବାକୁ ଚାହୁଁଥିଲେ ଆଙ୍ଗୁଠି ଟିପରେ ମହୁ ନେଇବ୍ରଣ ସ୍ଥାନରେ ଲଗାନ୍ତୁ ଦେଖିବେ ବ୍ରଣ ଦବିଯିବ ।

ସୁଗାର ଫ୍ରି ବଦଳରେ ମଧୁମେହ ରୋଗୀ ଖାଦ୍ୟପେୟରେ ମହୁ ବ୍ୟବହାର କରିବା ଉଚିତ । ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ ।

ନିଦ୍ରାହୀନ ରୋଗୀ ଅଧ ଚାମଚ ମହୁରେ ସାମାନ୍ୟ ଲୁଣ ମିଶାଇ ଖାଇଲେ ଭଲ ନିଦ ହୋଇଥାଏ ।

ଶରୀରର କୌଣସି ଜାଗା କଟିଗଲେ, ତୁରନ୍ତ ମହୁ ଲଗାଇଲେ ତାହା ଆଣ୍ଟିସେପଟିକ୍ ଭାବେ କାମ କରେ ।

ଶରୀରର ତ୍ୱଚାକୁ ସଫା କରିବାକୁ ହେଲେ ୩ଚାମଚ ମହୁ ଓ ୨ଚାମଚ ଅଲିଭ ତେଲକୁ ନେଇ ବାଲଟିଏ ପାଣିରେ ମିଶାନ୍ତୁ । ଏହି ପାଣିରେ ଗାଧୋଇଲେ ତ୍ୱଚା ସଫା ହୁଏ ।

ଅତ୍ୟଧିକ ଉଦବେଗରେ ଥିଲେ, ୧କପ୍ ଚାହାରେ ଅଧ ଚାମଚ ମହୁ ମିଶାଇ ପିଇଲେ ଉପଶମ ମିଳେ ।

ଦୁର୍ବଳ ଲାଗିଲେ ୧ଚାମଚ ମହୁ ଖାଇଲେ ଶରୀରକୁ ଶକ୍ତି ମିଳେ ।

ଶରୀର ଷ୍ଟ୍ରେଚିଂ

ଶରୀରର ମଧ୍ୟଭାଗ ସମସ୍ତପ୍ରକାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଧାରଣ କରିଛି । ହୃଦଯନ୍ତ୍ର, ଫୁସଫୁସଠାରୁ ଆରମ୍ଭ କରି ଯକୃତ, ପ୍ଲାହା, ପିତ୍ତକୋଷ, ଅଗ୍ନାଶୟ, କ୍ଷୁଦାନ୍ତ୍ର, ବୃହଦାନ୍ତ୍ର ଆଦି ଏଥିରେ ରହିଛି । ଏସବୁ ଅଙ୍ଗଗୁଡ଼ିକ ଠିକ୍ ଭାବେ କାମ କରିବା ଲାଗି ବ୍ୟାୟାମ ଆବଶ୍ୟକ । ଉପଯୁକ୍ତ ବ୍ୟାୟାମ କରିବା ଦ୍ୱାରା ଏହି ଅଙ୍ଗଗୁଡ଼ିକ କ୍ରିୟାଶୀଳ ହୋଇପାରନ୍ତି । ଜଟିଳ ବ୍ୟାୟାମ କରିବା ସମ୍ଭବ ହେଉନଥିଲେ ଏପରି ସରଳ ବ୍ୟାୟାମ କରିବା ସମାନ ଉପକାର ଦେଇଥାଏ । ଏହା ମଧ୍ୟ ଜଙ୍ଘ ଓ ଗୋଡ଼କୁ ସୁସ୍ଥ ରଖେ ।

ପ୍ରକ୍ରିୟା:- ଚଟାଣରେ ଏକ ମୋଟା ଚାଦର କିମ୍ବା କମ୍ବଳ ବିଛାଇ ତା ଉପରେ ଚକା ପକାଇ ବସିବେ । ୩୦ ସେଣ୍ଟିମିଟର ବ୍ୟାସ ବିଶିଷ୍ଟ ଏକ ଷ୍ଟାବିଲିଟି ବଲ ଆଣି ନିଜ ପିଠି ପାଖରେ ରଖନ୍ତୁ । ଏହା ଯେପରି ଗଡ଼ି ନଯାଏ ସେଥିପ୍ରତି ଦୃଷ୍ଟି ଦେବେ ।

ଏବେ ଗୋଡ଼କୁ ଆଣ୍ଠୁଠାରୁ ଭାଙ୍ଗି ପଛକୁ ଆଣିବେ ଯେପରି ଦୁଇ ଗୋଡର ଗୋଇଠି ନିତମ୍ବ ତଳେ ରହୁଥିବ । ଏହାକୁ ବୀରାସନ ବୋଲି ମଧ୍ୟ କୁହାଯାଏ ।

ପଛପଟେ ପିଠିର ମଝିଆମଝି ରଖିଥିବା ବଲ୍‌କୁ ପଛୁଆ ଦୁଇହାତରେ ଧରି ପିଠିପାଖରେ ଲଗାଇ ରଖିବେ ଏବଂ ଧୀରେଧୀରେ ବଲ ଉପରେ ପଛୁଆ ନଇଁ ଆସିବେ ।

ବେକ ଆଗକୁ ବଢ଼ାଇବା ସହ ଶରୀର ଯେପରି ବଲ୍ ଉପରେ ଭାରା ଦେଇ ରଖିବ ।

ଏବେ ଦୁଇହାତ ସଳଖ ଭାବେ ପଛପଟକୁ ଲମ୍ବାଇ ଆଣି ଚଟାଣରେ ଲଗାଇବାର ଚେଷ୍ଟା କରିବେ । ଏହି ସ୍ଥିତିରେ ଆଣ୍ଠୁଠାରୁ ହାତ ଆଙ୍ଗୁଳି ଯାଏ ଧନୁ ଆକାରରେ ରହି ବଲ ପିଠି ମଝିରେ ଥାଏ ଏବଂ ଶରୀରର ଭାରା ଏହି ବଲ ଉପରେ ରହିଥାଏ ।

ଧୀର ଶ୍ୱାସକ୍ରିୟା ସହ ତିନିରୁ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଏପରି ସ୍ଥିତିରେ ରହିବା ପରେ ପ୍ରଥମେ ଦୁଇହାତ ଉପରକୁ ଉଠାଇ ପାପୁଲି ଯୋଡ଼ନ୍ତୁ ଏବଂ ଧୀରେଧୀରେ ଉଠିଆସନ୍ତୁ । କିଛି ସମୟ ବିଶ୍ରାମ ନେବା ପରେ ଏହାର ପୁନରାବୃତ୍ତି କରିବେ ।

ସ୍ୱାସ୍ଥ୍ୟ ମନ୍ତ୍ର

ଲିଙ୍ଗ, ବୟସ, ଓଜନ, ଶ୍ରମ ଆଦି ଦୃଷ୍ଟିରୁ ବିଭିନ୍ନ ବର୍ଗର ମଣିଷଙ୍କ ଦୈନିକ କ୍ୟାଲୋରି ଆବଶ୍ୟକତା ସଂପର୍କରେ ଗତ ସପ୍ତାହରେ ସୂଚନା ଦିଆଯାଇଥିଲା । ଏବେ ସାଧାରଣ ଭାବେ କେଉଁ ଖାଦ୍ୟରୁ ଶରୀର କେତେ କ୍ୟାଲୋରି ପାଏ ଆସନ୍ତୁ ଜାଣିବା । ୧୦୦ ଗ୍ରାମ୍ ଭାତରୁ ୧୮୮ କ୍ୟାଲେରି, ସମାନ ପରିମାଣର ସମ୍ବର-ଭାତର ୮୪ କ୍ୟାଲୋରି ଓ ଦହି-ଭାତରୁ ୮୭ କ୍ୟାଲୋରି, ମିଠା କାନିକାରୁ ୨୪୪ କ୍ୟାଲୋରି । ସେହି ପରି ୧୦୦ ଗ୍ରାମ୍ ଏଣ୍ଟୁରି ପିଠାରୁ ୯୬ କ୍ୟାଲୋରି, ସାଧା ଦୋସାରୁ ୨୧୬ କ୍ୟାଲୋରି, ମସଲା ଦୋସାରୁ ୨୧୨ କ୍ୟାଲୋରି, ଉପମାରୁ ୧୧୮ କ୍ୟାଲୋରି । ୧୦୦ ଗ୍ରାମ୍ ଅଟା ରୁଟିରୁ ୩୩୯ କ୍ୟାଲୋରି, ପୁରିରୁ ୪୨୫ କ୍ୟାଲୋରି, ମଇଦା ପୁରିରୁ ୪୮୭ କାଲୋରି, ପରଟାରୁ ୪୬୧ କ୍ୟାଲୋରି । ପ୍ରତି ୧୦୦ ଗ୍ରାମ୍ ଖାଦ୍ୟରୁ କେତେ କ୍ୟାଲୋରି ମିଳେ ଜାଣିଲେ, ହିସାବ କରି ଆବଶ୍ୟକତା ଅନୁଯାୟୀ ଭୋଜନ କରିବା ସୁବିଧାଜନକ ହେବ । ଫଳାଫଳ ସ୍ୱରୂପ ଆମେ ସଚେତନ ହୋଇପାରିବା ଏବଂ ମେଦ ବୃଦ୍ଧିକୁ ନିୟନ୍ତ୍ରଣରେ ରଖିପାରିବା ।

ମେଦହ୍ରାସ କରିବ ମାଇକ୍ରୋଚିପ୍



ମଣିଷ ଶରୀରରେ କ୍ଲାନ୍ତି, ଯନ୍ତ୍ରଣା, ଭୋକ ଶୋଷ, ନିଦ ପରି ବିଭିନ୍ନ ଅନୁଭବ ଆସିଥାଏ । ଭୋକ ଲାଗିବା ମାତ୍ରେ ଖାଇବା ଦରକାର ପଡ଼େ । ଯଦି ଖାଦ୍ୟ ବଦଳରେ ଜଣଙ୍କୁ ଭୋକ ସମୟରେ ବିଦ୍ୟୁତ ସକ୍ ଲାଗିବ, ତେବେ ତାଙ୍କର ମନୋଭାବ କ'ଣ ହେବ ? ଏହା ପଛରେ ଏକ ଉପକାରୀ କାରଣ ରହିଛି । ଅନେକେ ଭୋକ ଲାଗୁନଥିଲେ ବି ଖାଦ୍ୟ ପ୍ରତି ଲାଳସା ଯୋଗୁ ଖାଇଚାଲନ୍ତି । ଏହା ସେମାନଙ୍କଠାରେ ମୋଟାପାର କାରଣ ହୋଇଥାଏ । କାଲିଫର୍ଣିଆର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଗବେଷକମାନଙ୍କ କହିବା ଅନୁସାରେ, ଯେତେବେଳେ ଭୋକ ଲାଗେ ଏହି ମାଇକ୍ରୋଚିପ୍ ମୋଟାପା ଆକ୍ରାନ୍ତ ଲୋକମାନଙ୍କୁ ବିଦ୍ୟୁତ ସକ ଲାଗିବା ପରି ଝଟକା ଦେଇଥାଏ । ପରୀକ୍ଷାମୂଳକ ଭାବେ ୬ଜଣ ମୋଟାପା ଆକ୍ରାନ୍ତ ଲୋକଙ୍କୁ ଏହି ଚିପ୍ ଲଗାଯାଇଥିଲା । ପ୍ରଥମେ ଅପସ୍ମାର ବାତରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସାଲାଗି ଏହି ଚିପ୍ ପ୍ରସ୍ତୁତ କରାଯାଇଥିଲା ଯାହାର ନାମ ରେସପନସିଭ ନ୍ୟୁରୋଷ୍ଟିମୁଲେସନ ସିଷ୍ଟମ । ଏବେ ଏହା ମେଦବହୁଳତା ଆକ୍ରାନ୍ତ ବ୍ୟକ୍ତିଙ୍କୁ ବିଦ୍ୟୁତ ସକ ଦେଇ ସେମାନଙ୍କ ଖାଦ୍ୟ ନିୟନ୍ତ୍ରଣ କରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି । ପ୍ରଥମ ୬ମାସ ଏହା ଲଗାଯାଇଥିବା ବ୍ୟକ୍ତିଙ୍କ ଖାଦ୍ୟ ଲାଳସା ସମୟରେ ମସ୍ତିଷ୍କର କ୍ରିୟାକୁ ଅନୁଧ୍ୟାନ କରିବ । ଏହା ପରେ ସେମାନେ ଖାଦ୍ୟ ଖାଇବା କଥା ଚିନ୍ତା କରିବା ମାତ୍ରେ ସକ ଦେଇ ସେମାନଙ୍କୁ ସତର୍କ କରାଇଦେବ ।

ପକେଟ୍ ଏସି



ଜାପାନର ସୋନି କମ୍ପାନି ପକ୍ଷରୁ ଏକ କ୍ଷୁଦ୍ର ଏୟାର କଣ୍ଡିସନର ବିକଶିତ କରାଯାଇଛି, ଯାହାକୁ ପୋଷାକ ଭିତରେ ଖଞ୍ଜି, ଗରମ ଦିନେ ନିଜକୁ ଥଣ୍ଡା କରିହେବ । ଶୀତ ଦିନେ ମଧ୍ୟ ଏହାକୁ ବ୍ୟବହାର କଲେ ଗରମ ଅନୁଭୂତ ହେବ । 'ରିଅନ ପକେଟ୍' ଭାବେ ନାମିତ ଏହି ଏସି, ଥର୍ମୋଇଲେକଟ୍ରିକ୍ ପଲିଷ୍ଟର ଉପାଦାନରେ ତିଆରି । ଏଥିରେ ଲିଥିଅମ୍ ଆୟନ ବ୍ୟାଟେରି ଲାଗିଛି, ଯାହା ଏସିକୁ ଶୀଘ୍ର ଗରମ ଓ ଥଣ୍ଡା କରିବାକୁ ସକ୍ଷମ । ବ୍ଲୁ ଟୁଥ ମାଧ୍ୟମରେ ଏହାକୁ ପରିଚାଳିତ କରିବାକୁ ପଡ଼େ । ଆସନ୍ତା ବର୍ଷ ମାର୍ଚ୍ଚ ବେଳକୁ ଏହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ ହେବ ଏବଂ ଛୋଟ, ମଧ୍ୟମ ଓ ସାମାନ୍ୟ ବଡ଼ ଆକାରରେ ଉପଲବ୍ଧ ହେବା ପ୍ରାଥମିକ ବିକ୍ରୟ ମୂଲ୍ୟ ରହିବ ସାଢ଼େ ଆଠ ହଜାର ଟଙ୍କା ।

ଏକା ରହିବାକୁ ପସନ୍ଦ କରନ୍ତି ବୁଦ୍ଧିମାନ ଲୋକେ

ବିଭିନ୍ନ ଚରିତ୍ର ଗୁଣର ଲୋକଙ୍କ ସହ ନିୟମିତ ଭାବେ ଆମେ ମିଶିଥାଉ । କାହା ସହ ମନ ମିଶିଥିବାବେଳେ ଅନ୍ୟ କାହା ଉପରେ ବିରକ୍ତି ଭାବ ଆସିଥାଏ । ବିଶ୍ୱସ୍ତରରେ ପାଖାପାଖି ୪୫% ଲୋକ ବାର୍ତ୍ତାଳାପ କରିବାକୁ ପସନ୍ଦ କରିଥାନ୍ତି । ଏଇ ବର୍ଗର ଲୋକେ ଯେଉଁଠାକୁ ଯାନ୍ତୁ, ଯେ କୌଣସି ଗୁଣର ଲୋକଙ୍କ ସହ ମିଶିଯାନ୍ତି । ୱାଲର୍ଡ ଇକୋନୋମିକ୍ ଫୋରମର ତଥ୍ୟ ଅନୁସାରେ ୧୧% ରୁ କମ ଲୋକେ ନିରବ ତଥା ଏକା ରହିବାକୁ ପସନ୍ଦ କରନ୍ତି । ପ୍ରକୃତରେ ଏମାନେ ହିଁ ହେଲେ ବୁଦ୍ଧିମାନ । ଅଯଥାରେ ଗପ, ଥଟ୍ଟା ତାମସା କରିବାକୁ ଏଇ ଲୋକେ ଆଦୌ ପସନ୍ଦ କରନ୍ତିନାହିଁ । ଏମାନେ ସବୁଠୁ ଅଧିକ ନିଜ ପରିବାରକୁ ପ୍ରାଧାନ୍ୟ ଦେଉଥିବାବେଳେ ଯଥା ସମ୍ଭବ ସମୟ ନିଜ କକ୍ଷରେ ଅତିବାହିତ କରିବାକୁ ପସନ୍ଦ କରନ୍ତି । ଏକା ରହିବାକୁ ପସନ୍ଦ କରୁଥିବା ଲୋକେ ସାମାନ୍ୟ କାମର ଚାପରେ ଚିଡ଼ଚିଡ଼ା ହୋଇଯାନ୍ତି । ଏହା ସହ ଏମାନଙ୍କ ଅନ୍ୟତମ ଗୁଣ ହେଲା ଅନ୍ୟ ଉପରେ ବୋଝ ହେବାକୁ ମଧ୍ୟ ପସନ୍ଦ କରନ୍ତିନାହିଁ । ପୁସ୍ତକ ପଢ଼ିବାରେ ଓ ନିରୋଳା ସ୍ଥାନ ଏମାନଙ୍କର ସବୁଠୁ ପ୍ରିୟ । ବିଶେଷଜ୍ଞ ଦଳର ତଥ୍ୟ ଅନୁସାରେ ଏଇ ଦିଗରେ ପୁରୁଷମାନେ ମହିଳାଙ୍କ ଠାରୁ ଆଗରେ ଅଛନ୍ତି ।

ପୁରୀ ସବରେଜିଷ୍ଟ୍ରର ଅଫିସରେ ପ୍ରବଳ ଗହଳି, ସାମାଜିକ ଦୂରତା ନାହିଁ କି ମାସ୍କ ନାହିଁ

ପୁରୀ,୩୦।୭ (ନି.ପ୍ର): ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସବରେଜିଷ୍ଟ୍ରର କାର୍ଯ୍ୟାଳୟରେ ଏବେ କିଛିଦିନ ହେଲାଣି ପ୍ରବଳ ଗହଳି ଲାଗିରହୁଛି । ପ୍ରତିଦିନ ଜମିଜମା କିଣାବିକା କରିବା ପାଇଁ କାର୍ଯ୍ୟାଳୟ ଆଗରେ ଗହଳି ଲାଗିରହୁଛି । ସେଠାରେ ସାମାଜିକ ଦୂରତା ରହୁନାହିଁ । ଅଧିକାଂଶ ଲୋକ ମାସ୍କ ପିନ୍ଧିନଥିବା ବେଳେ ଅଫିସ ଘରେ ଓ ବାହାରେ ଗହଳି ଲଗାଉଛନ୍ତି । କେବଳ ନାମକୁ ମାତ୍ର ଅଫିସ ଆଗରେ କତା ଦଉଡି ବନ୍ଧା ହୋଇଛି । ସେହିପରି ଅଫିସ ଆଗରେ ଥିବା ବରଗଛ ଚାନ୍ଦିନି ମୂଳରେ ପାଖାପାଖି ହୋଇ ଅନେକ ମୋହରିର, ଷ୍ଟାମ୍ପ ଭେଣ୍ଡର ମାନେ ବସୁଛନ୍ତି । ସେଠାରେ ସାଧାରଣ ଲୋକ ମଧ୍ୟ ଗହଳି ଲଗାଉଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାର ଅନ୍ୟ ସ୍ଥାନରେ ସାମାଜିକ ଦୂରତା, ମାସ୍କ ପିନ୍ଧିବା ଓ କଂଟେନମେଂଟ ଜୋନ୍ ଘୋଷଣା କରିବାରେ ପ୍ରଶାସନ ଆଗୁଆ ରହିଛି । ହେଲେ ନିଜ କାର୍ଯ୍ୟାଳୟ ଭିତରେ ଦୀପତଳ ଅନ୍ଧାର ପରି କେହି ଦୃଷ୍ଟି ଦେଉନଥିବା ସାଧାରଣରେ ଆଲୋଚନା ହେଉଛି ।

ସହରୀ ଆଲୋକୀକରଣ ବ୍ୟବସ୍ଥାକୁ ବିରୋଧ

ନୂଆପଡା,୩୦।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରୁ ଖଡିଆଳ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସହରୀ ଆଲୋକୀକରଣ ବ୍ୟବସ୍ଥା ନେଇ ବିଦ୍ୟୁତ ଖୁଂଟ ପୋତା ଯାଉଛି । ହେଲେ ଏହାଦ୍ୱାରା ଗଛ କାଟିବାକୁ ପଡିବ ବୋଲି ଅଭିଯୋଗ କରି ଜଣେ ସ୍ୱେଚ୍ଛାସେବୀ ଖଡିଆଳ ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି । ଅନ୍ୟପକ୍ଷରେ ସହରୀ ବିଦ୍ୟୁତ ସେବାରେ କୌଣସି ଗଛ କଟାଯିବ ନାହିଁ ବୋଲି ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ପ୍ରକାଶ କରିଛନ୍ତି । ଆବଶ୍ୟକ ସ୍ଥଳେ କେବଳ ଡାଳ ଓ ପତ୍ରକୁ ସାଇଜ କରି ଡ୍ରେସିଂ କରାଯିବ ବୋଲି କହିଛନ୍ତି ।

୯୨.୧୭ ପ୍ରତିଶତ ନମ୍ବର ରଖି କୋରାପୁଟ ଜିଲା ଟପ୍ପର ହେଲେ ଦେବାଶିଷ ସାହୁ

ଜୟପୁର,୩୦।୭ (ନି.ପ୍ର): ଆଜି ମାଟ୍ରିକ ପରାକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ କୋରାପୁଟ ଜିଲ୍ଲା ଜୟପୁର ସାରଦା ବିହାର ସ୍ଥିତ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଦେବାଶିଷ ସାହୁ ୫୫୩ ମାର୍କ ରଖି ଥିବା ବେଳେ ୯୨.୧୭ ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି । ଜୟପୁର ସରକାରୀ ବାଳିକା ବିଦ୍ୟାଳୟରେ ୧୫୩ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ୯୩ ଜଣ ଛାତ୍ରୀ ପାସ୍ ହୋଇଛନ୍ତି । ସେହିପରି ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୮୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୦୫ ଜଣ ଛାତ୍ର ଛାତ୍ରୀ ପାସ୍ ହୋଇଛନ୍ତି । ଜେଇଏଲସି ହାଇସ୍କୁଲରେ ୫୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୫୩ ଜଣ ପାସ୍ ହୋଇଛନ୍ତି । ଏମପିଏଲ ହାଇସ୍କୁଲର ୪୬ ଜଣ ପରୀକ୍ଷା ଦେଇଥିବା ବେଳେ ୩୧ ଜଣ ପାସ୍ ହୋଇଛନ୍ତି । ୟୁଜିଏସଏସ ଦୋରାଗୁଡାରେ ୧୬ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିବା ବେଳେ ୧୩ ଜଣ ପାସ୍ ହୋଇଛନ୍ତି । ଏସବିଏମ ଜୟପୁରରେ ୧୮୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୮୪ ପରୀକ୍ଷାର୍ଥି ପାସ୍ ହୋଇଥିବା ବେଳେ ଜିଏଚଏଚ ହରଡାପୁଟ ୬୫ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିବା ବେଳେ ୫୯ ଜଣ ଛାତ୍ର ଛାତ୍ରୀ ପାସ୍ ହୋଇଛନ୍ତି । ସେହିପରି ସିଟି ଗାର୍ଲସ ହାଇସ୍କୁଲର ୬୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୬୪ ଜଣ ପାସ୍ ହୋଇଛନ୍ତି । ୟୁଜିଏସଏସ ବାଲି ପୁଜାରିପୁଟରେ ୧୫ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୬ ଜଣ ପାସ୍ ହୋଇଛନ୍ତି । ଚନ୍ଦବାଡ ହାଇସ୍କୁଲର ୨୭ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିବା ବେଳେ ୧୨ ଜଣ ପାସ ହୋଇଛନ୍ତି । ଜିଏସଏସ ଫାମ୍ପୁଣିରେ ୯୫ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିବା ବେଳେ ୬୧ ଜଣ ପାସ୍ ହୋଇଛନ୍ତି । ଉମୁରି ହାଇସ୍କୁଲରେ ୪୭ ଜଣ ପରିକ୍ଷା ଦେଇଥିବା ବେଳେ ୪୨ ଜଣ ପାସ୍ ହୋଇଛନ୍ତି । କାଳିଆ ଗାଁ ହାଇସ୍କୁଲରେ ୨୫ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ର ଛାତ୍ରୀ ପାସ୍ ହୋଇଛନ୍ତି । ବାରିଣିପୁଟ ହାଇସ୍କୁଲର ୯୫ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିବା ବେଳେ ୯୧ ଜଣ ପାସ୍ ହୋଇଛନ୍ତି । ଅନୁରୂପ ଭାବେ ଏକମ୍ବା ହାଇସ୍କୁଲରେ ୩୪ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିବା ବେଳେ ୨୦ ଜଣ ପାସ୍ ହୋଇଛନ୍ତି । ଧନପୁର ହାଇସ୍କୁଲରେ ୧୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭ ଜଣ ପାସ୍ ହୋଇଛନ୍ତି । ଜୟନ୍ତିଗିରି ହାଇସ୍କୁଲରେ ୭୨ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୧ ଜଣ ଛାତ୍ର ଛାତ୍ରୀ ପାସ୍ ହୋଇଛନ୍ତି । ପ୍ରୋଜେକ୍ଟ ହାଇସ୍କୁଲ ବାରିଣିପୁଟର ୮୫ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୬ ଜଣ ପାସ୍ ହୋଇଛନ୍ତି । ମଜୁରୁଗୁଡା ହାଇସ୍କୁଲର ୧୧ ଜଣ ଜଣ ପରୀକ୍ଷା ଦେଇଥିବା ବେଳେ ୫ ଜଣ ପାସ୍ ହୋଇଛନ୍ତି । ପୁଜାରିପୁଟ ହାଇସ୍କୁଲରେ ୫୧ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୨୯ ଜଣ ପାସ୍ ହୋଇଛନ୍ତି । ଡିମିଳା ହାଇସ୍କୁଲରେ ୪୮ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୨୨ ଜଣ ପାସ୍ ହୋଇଛନ୍ତି । ଗଡପଦର ହାଇସ୍କୁଲର ୧୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୫ ଜଣ ପାସ୍ ହୋଇଛନ୍ତି ।

କନ୍ଧମାଳରେ କୃଷି ବୀମା ରଥ ଗଡିଲା

କଣ୍ଟୁନମେଣ୍ଟ ଜୋନ ବ୍ୟତୀତ ୧୭୧ଟି ପଂଚାୟତରେ କରିବ ସଚେତନତା

କନ୍ଧମାଳ,୩୦।୭ (ନି.ପ୍ର): ଆଜି ଫୁଲବାଣୀ କୃଷି କାର୍ଯ୍ୟାଳୟ ପରିସରେ ଦେଶରେ ଚାଷି ମାନଙ୍କ ପାଇଁ ସେମାନଙ୍କର କୃଷିରେ ସହାୟତା ନିମନ୍ତେ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷରେ କ୍ଷୟକ୍ଷତି ହେଲେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କୃଷି ବୀମା ଯୋଜନାର ବିଭିନ୍ନ ସୁବିଧା ଗୁଡିକ ବାବଦରେ କନ୍ଧମାଳ ଜିଲାର ଗ୍ରାମାଂଚଳରେ ସଚେତନତା ପାଇଁ ଦୁଇଟି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି । ଏହି ଶୁଭ ଉଦଘାଟନ ଜିଲା ମୁଖ୍ୟ କୃଷି ଅଧିକାରୀ ଡ.ବସନ୍ତ କୁମାର ସାହୁ ପତାକା ଦେଖାଇ ଉଦଘାଟନ କରିଥିବାବେଳେ ଏହି ଅବସରରେ ଫୁଲବାଣୀ ଜିଲା କୃଷି ଅଧିକାରୀ ରବିଚନ୍ଦ୍ର ନାୟକ,ଆତ୍ମାର ଉପ-ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ଦାସ,ରିଲାୟନ୍ସ ଜିଆଇସି ଲିମିଟେଡର ସଂଯୋଜକ ଉତମ ଅମାନ ଓ ସହକାରୀ କୃଷି ଅଧିକାରୀ ଜଗନ୍ନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟରେ ତାଙ୍କୁ ବିଭାଗୀୟ କର୍ମଚାରୀ ଶଙ୍କର ବେହେରା ଓ ଲବ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଏହି ଦୁଇ ରଥ ଜିଲାରେ କରୋନା ସଂକ୍ରମଣ ଯୋଗୁଁ ଘୋଷଣା କରାଯାଇଥିବା କଣ୍ଟୁନମେଣ୍ଟ ଜୋନ ଭାବରେ ଘୋଷଣା କରାଯାଇଥିବା ଅଂଚଳ ବ୍ୟତୀତ ୧୭୧ଟି ପଂଚାୟତର ଗ୍ରାମାଂଚଳରେ ବୁଲି ବୁଲୁ କୃଷକ ମାନଙ୍କୁ କେନ୍ଦ୍ରସରକାରଙ୍କ ଦ୍ୱାରା କରାଯାଇଥିବା କୃଷି ବୀମାର ସମସ୍ତ ସୁବିଧା ବାବଦରେ ସଚେତନ କରିବ । ଏହି ବୀମା ଯୋଜନାର ସୁବିଧା ମୁତାବକ ଚାଷି ମାନଙ୍କୁ ଗ୍ରାମ ପଂଚାୟତ ୟୁନିଟ ହିସାବରେ ସେମାନଙ୍କର ଧାନ ଫସଲର କ୍ଷୟକ୍ଷତି ଅନୁସାରେ ସେମାନଙ୍କର ଫସଲ ବୀମାର କ୍ଷତି ପୁରଣ ପ୍ରଦାନ କରାଯିବା ସହିତ ଅଦା,ମକା ଏବଂ ହଳଦୀ ଚାଷୀଙ୍କୁ ମଧ୍ୟ ସେମାନେ କରିଥିବା ବୀମା ଅନୁସାରେ ଏବଂ ସେମାନଙ୍କର ଚାଷରେ ହୋଇଥିବା କ୍ଷତି ଅନୁସାରେ କ୍ଷତି ପୁରଣ ମିଳିବ ବୋଲି ରିଲାୟନ୍ସ ଜିଆଇସିର ସଂଯୋଜକ ସୁଚନା ଦେଇଛନ୍ତି ।

ଭଗ୍ନସ୍ତୂପରେ ଜାତୀୟ କବି ବାଞ୍ଛାନିଧି

ଭଦ୍ରକ,୩୦/୭ (ହି.ସ.) - ସାରା ଓଡ଼ିଶାରେ ଏବେ କୁଆଡେ ପ୍ରଚଣ୍ଡ ଗତିରେ ପ୍ରବାହିତ ହେଉଛି ପ୍ରଗତିର ସ୍ୱଚ୍ଛ ସ୍ରୋତ । ତାକୁ ଶୃଙ୍ଖଳିତ କରୁଛି ସମବେତ ସାଧୁ ଉଦ୍ୟମ ଓ ସମୟାନୁବର୍ତ୍ତିତା । ତା'ର ମାର୍ଗ ନିୟନ୍ତ୍ରକ ହେଉଛନ୍ତି ନିରପେକ୍ଷ କାର୍ଯ୍ୟ ପିଷ୍ଟାଦକ ନିଷ୍ଠୁର ଯନ୍ତ୍ର ଓ ଦୃଢ ଯାନ୍ତ୍ରିକ ସ୍ୱଭାବ । ଅବିଳମ୍ବେ ଆମ ସଂସ୍କୃତି ଓ ସାହିତ୍ୟର ହେବ କାୟାକଳ୍ପ - ଜୀବନ ଜିଜ୍ଞାସାର ପଟ୍ଟପରିବର୍ତ୍ତନ - ଉନ୍ନତିର ପର୍ବ । ସେଥିପାଇଁ ପ୍ରଶାସନ ଦୃଷ୍ଟିର ବିକାଶ ବାଟର ପ୍ରତିବନ୍ଧକ ହୋଇ ବାସୁଦେବପୁର ବଜାର ଛକରେ ଠିଆ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ତଥା ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତିକୁ ବୁଲ୍‌ଡୋଜର ଲଗାଇ ଖଣ୍ଡ ଖଣ୍ଡ କରି ମିଶାଇ ଦିଆ ଯାଇଛି ମାଟିରେ । ଦିନେ ଯେ ଇରମରେ ବସି ଅମ୍ଳାନ ଜାତୀୟତାର ଧାରାର ପ୍ରସ୍ରବଣ ସୃଷ୍ଟି କରି ସେଥିରେ ସ୍ୱାଧୀନତାର ତରୀକୁ ଦେଶର କୋଣ ଅନୁକୋଣକୁ ଭସାଇ ଦେଇ ପାରୁଥିଲେ, ସେହି ବରପୁତ୍ର ଏବେ ଅଶ୍ରୁର ବନ୍ୟାରେ ଜଳମଗ୍ନ । ଯେଉଁଠି ଦିନେ ସେ କବିତାର ଛନ୍ଦେ ଛନ୍ଦେ ସମସ୍ତଙ୍କ ଅନ୍ତରରେ ଭରି ପାରୁଥିଲେ ଉତ୍ସାହର ଉନ୍ମାଦନା ଓ ବିଦ୍ରୋହର ବହ୍ନି । ସେଠାରେ ଆଜି ପ୍ରଶାସନ ସୃଷ୍ଟି କରିଛି ମୁଠା ମୁଠା ବିକ୍ଷୋଭର ପାଉଁଶ - ଅସନ୍ତୋଷର କୁଜ କୁଜ ଅଙ୍ଗାର । ଯେଉଁ ସରକାର ଭୁବନେଶ୍ୱରରେ ତାଙ୍କର ପ୍ରତିମୂର୍ତ୍ତିସ୍ଥାପନ କରିଛି, ତାଙ୍କ ନାମରେ ଗଠିତ ଅନୁଷ୍ଠାନ ଗୁଡିକୁ ସ୍ୱୀକୃତି ଦାନ ସହିତ ତାଙ୍କ ଆଦର୍ଶର ପ୍ରସାର ପାଇଁ ଆର୍ଥିକ ପ୍ରୋତ୍ସାହନ ଦେଉଛି, ସେହି ସରକାର କିପରି ଏ ରୁଚିହୀନ ପୂଜ୍ୟପୂଜା ବିରୋଧୀ କାର୍ଯ୍ୟକ୍ରମର ପୁରୋଧା ହୋଇ ପାରିବ ? ଯେଉଁ ବାଚାଳ ବଡପଣ ଏହି ବଡିମା ବିଭୂଷିତ ବିଗ୍ରହକୁ ଏକ ତୁଚ୍ଛ ଙ୍କ୍ରିଟ କଳେବର ଜ୍ଞାନ କରି ଛକ ଆବୋରି ବସିଥିବା ଯୋର ଜବରଦସ୍ତକାରୀ ନ୍ୟାୟରେ ଏପରିକି ତାଙ୍କୁ ବିନା ନୋଟିସ୍‌ରେ ବାସଚ୍ୟୁତ କରିଛି । ସେ ଜାଣି ରଖିବା ଉଚିତ ଏହି ମୂର୍ତ୍ତି ଆମ ମାଟିର ମହିମା ମଣ୍ଡିତ ମୂଲ୍ୟବୋଧର ପ୍ରତୀକ ଏବଂ ସଂଗ୍ରାମୀ ସ୍ୱାଭିମାନର ସନ୍ତକ । ଏହାକୁ ଧ୍ୱଂସ କରିବା ଅର୍ଥ ଉଦାର ହୃଦୟକୁ ପ୍ରତିବାଦ ପ୍ରବଣ କରିବା ଏବଂ ଶାନ୍ତ ସହରକୁ ଅଶାନ୍ତ କରିବା । ଭଦ୍ରକବାସୀଙ୍କ ଶୋକାର୍ତ ମନରେ ଟିକିଏ ଆଶ୍ୱସ୍ତି ମିଳିବ ଯଦି ସରକାର ଏହି ହୀନ ଚକ୍ରାନ୍ତ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କବି ବାଞ୍ଛାନିଧିଙ୍କ ଏକ ଭବ୍ୟ ମୂର୍ତ୍ତି ବାସୁଦେବପୁର ଛକରେ ପୁନଃ ସ୍ଥାପନ କରିବାର ପତିଶ୍ରୁତି ଦେବେ ।

ଅଂଟିଆ ରିଟେଲଙ୍କୁ ନିଳମ୍ବିତ କଲେ ଜିଲାପାଳ

ଧର୍ମଶାଳା,୩୦।୭ (ନି.ପ୍ର): କରୋନା ସଂକ୍ରମଣକୁ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯୋଗ୍ୟ ହିତାଧିକାରୀଙ୍କୁ ସରକାର ଆଗୁଆ ଖାଦ୍ୟଶସ୍ୟ ରିଟେଲର ମାଧ୍ୟମରେ ଯୋଗାଇ ଦେଉଛନ୍ତି । କିନ୍ତୁ କରୋନାର ସୁଯୋଗ ନେଇ ରିଟେଲର ହିତାଧିକାରୀ ରାସନ ସାମଗ୍ରୀରେ ଅନିୟମିତା କରୁଥିବା ନେଇ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଫଳରେ ଧର୍ମଶାଳା ଅଂଟିଆ (କମାଗଡ)ର ରିଟେଲର ଚକ୍ରଧର ବଳଙ୍କ ଉପରେ ଆଜି ଜିଲାପାଳ ଚଂଜନ କୁମାର ଦାସ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ବ୍ଲକର ଅନ୍ୟ ରିଟେଲର ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେବା ସହି ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ହିତାଧିକାରୀ ମହଲରେ ଖୁସିର ଲହରୀ ଖେଳିଯାଇଛି ।

ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ପରିବାରଙ୍କୁ ବନବିଭାଗ ପକ୍ଷରୁ ସହାୟତା

ନୂଆପଡା,୩୦।୭ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଟାଙ୍ଗରୀପଡା ଗ୍ରାମରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବିଷ୍ଣୁ ଦଳଙ୍କ ପରିବାରଙ୍କୁ ବନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ଖଡିଆଳ ବନବିଭାଗ ରେଞ୍ଜର ସଦାନନ ସୁନାନୀ ଖଡିଆଳ ରେଞ୍ଜ କାର୍ଯ୍ୟାଳୟରେ ମୃତ୍ୟୁବରଣ କରିଥିବା ବିଷ୍ଣୁ ଦଳଙ୍କ ପତ୍ନୀ ଟିକେମନୀ ଦଳଙ୍କୁ ୩ ଟକ୍ଷ ଟଙ୍କାର ସହାୟତା ରାଶିର ଚେକ ପ୍ରଦାନ କରିଛନ୍ତି । ପୂର୍ବରୁ ପ୍ରଥମ କିସ୍ତିରେ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ବେଳେ ଆଜି ପୁଣି ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ଗତ ଜାନୁଆରୀ ମାସ ୩୦ ତାରିଖ ଦିନ ବିଷ୍ଣୁ ଦଳ ନିକଟସ୍ଥ ତିଖାଲି ଡ୍ୟାମକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ବଣୁଆହାତୀ ଆକ୍ରମଣ କରିଥିଲା । ଯାହାଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

ମୃତ୍ୟୁ ପରେ ବି ଶବ କୁ ମିଳିଲାନି ସମ୍ମାନ

ମାଲକାନଗିରି ,୩୦।୭ (ନି.ପ୍ର): ହଜିଗଲା ମାନବିକତା,ମୃତ୍ୟୁ ପରେ ମଧ୍ୟ ମିଳିଲାନାହିଁ ସମ୍ମାନ । ଶେଷରେ ମେଡିକାଲ ଷ୍ଟ୍ରେଚରରେ ପରିବାରଲୋକେ ମୃତଦେହକୁ ବୋହି ନେଲେ ଘରକୁ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମାରେ । ପଡିଆ ବ୍ଲକ ଅନ୍ତର୍ଗତ ମୁସାକୀଗୁଡା ଗ୍ରାମର ଜଣେ ବୃଦ୍ଧ ଅସୁସ୍ଥ ହେବାରୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ । ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ମୃତ ଦେହକୁ ନେବା ପାଇଁ ପରିବାରଲୋକେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ ମଧ୍ୟ ସେମାନେ ଆମ୍ବୁଲାନ୍ସ ଖରାପ ଦର୍ଶାଇ ଥିଲେ । ଏପଟେ ପରିବାର ଲୋକଙ୍କ ଆର୍ଥିକ ଅବସ୍ଥା ଖରାପ ଥିବାରୁ ଗାଡି ଭଡା କରିପାରି ନ ଥିଲେ । ଶେଷରେ ବାଧ୍ୟ ହୋଇ ପରିବାର ଲୋକେ ଷ୍ଟେଚରରେ ମୃତଦେହକୁ ୨ କିଲୋମିଟର କାନ୍ଧରେ ବୋହି ଥିଲେ । ଏହି ସମୟରେ ଜଣେ ମହିଳା ଶବକୁ କାନ୍ଧରେ ବୋହିବା ସହ ନିଜ କୋଳରେ ଛୋଟ ଛୁଆକୁ ଧରି ଦୀର୍ଘ ୨ କିଲୋମିଟର ଚାଲିଥିବା ଦେଖିବାକୁ ମିଳିଛି । ସହର ମଧ୍ୟ ଦେଇ ଏଭଳି ହୃଦୟ ବିଦାରକ ଦୃଶ୍ୟକୁ ଲୋକେ ଦେଖୁଥିଲେ ମଧ୍ୟ କେହିଜଣେ ବି ସହଯୋଗ ର ହାତ ବଢେଇ ନ ଥିବାକୁ ନେଇ ଚର୍ଚ୍ଚା ହେଉଛି ।

ମାଲକାନଗିରିରେ ପ୍ଲାଜମା ଦାନ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗ ଦେବେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର,୩୦।୭ (ନି.ପ୍ର): ସୂଚନା, ପ୍ରଯୁକ୍ତିବିଦ୍ୟା ଏବଂ କ୍ରୀଡା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଆସନ୍ତା ଜୁଲାଇ ୩୧ରେ ମାଲକାନଗିରି ଜିଲ୍ଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ମନ୍ତ୍ରୀ ମାଲକାନଗିରି ଜିଲ୍ଲା ସର୍କିଟ ହାଉସ ଠାରେ ପ୍ଲାଜମା ଦାନ ସମ୍ପର୍କିତ ସମୀକ୍ଷା ବୈଠକ ରେ ଯୋଗ ଦେବେ । ମନ୍ତ୍ରୀ ଶ୍ରୀ ବେହେରା ୩୧ତାରିଖ ପୂର୍ବାହ୍ନ ୭.୩୦ରେ ହେଲିକପଟର ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରୁ ବାହାରି ପୂର୍ବାହ୍ନ ୯ଟାରେ ନବରଙ୍ଗପୁର ଏବଂ ପରେ ୧୦ ଟା ସୁଦ୍ଧା ମାଲକାନଗିରିରେ ଜିଲ୍ଲାରେ ପହଂଚିବେ । ଜିଲ୍ଲାରେ ଦୁଇ ସପ୍ତାହ ପୂର୍ବରୁ ୧୦୦ ଜଣ କୋଭିଡ-୧୯ରୁ ଆରୋଗ୍ୟ ଲାଭ କରିଥିବା ସମ୍ପର୍କରେ ଭିଡ଼ିଓ କନଫରେନ୍ସ ଯୋଗେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଥିଲେ । 'ପ୍ଲାଜମା ଦାନ ଏକ ମହତ ଦାନ', ମୁଖ୍ୟମନ୍ତ୍ରୀଙ୍କ ଏହି ବାର୍ତ୍ତା କୁ ଜିଲ୍ଲାର ସବୁ ସ୍ତରରେ ପହଂଚାଇବା ସହ ମନ୍ତ୍ରୀ ଶ୍ରୀ ବେହେରା କୋଭିଡ-୧୯ ରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ଓ ମହିଳାଙ୍କୁ ଭେଟି ନିଜର ରକ୍ତ ପ୍ଲାଜମା ଦାନ ପାଇଁ ଉତ୍ସାହିତ କରିବେ । ଜଣେ ସୁସ୍ଥ ବ୍ୟକ୍ତିଙ୍କ ଏହି ସ୍ୱେଚ୍ଛାକୃତ ପ୍ଲାଜମା ଦାନ ଅନେକ ଗୁରୁତର ରୋଗୀଙ୍କ ଜୀବନ ରକ୍ଷାରେ ସହାୟକ ହେବ । ପ୍ଲାଜମା ଅଭାବରୁ ଯେପରି କୌଣସି ରୋଗୀ ସ୍ୱାସ୍ଥ୍ୟସେବାରୁ ବଂଚିତ ନ ହୁଅନ୍ତି ସେଥିନେଇ ବାର୍ତ୍ତା ପ୍ରଚାର ସହିତ ଜିଲ୍ଲାରେ କୋଭିଡ ନିୟନ୍ତ୍ରଣ ଏବଂ ପ୍ଲାଜମା ଦାନ ପ୍ରକିୟା କୁ ତ୍ୱରାନ୍ୱିତ କରିବାରେ ମନ୍ତ୍ରୀ ଶ୍ରୀ ବେହେରାଙ୍କ ଏହି ଗସ୍ତ ବେଶ ସହାୟକ ହେବ ବୋଲି ଆଶା କରାଯାଉଛି । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କୋଭିଡ ମୁକାବିଲା ନେଇ ମୁଖମନ୍ତ୍ରୀଙ୍କ ଯେଉଁ ନିର୍ଦ୍ଦେଶ ରହିଛି ତାହାକୁ ପାଳନ ନିମନ୍ତେ ସରକାରୀ ସ୍ତରରେ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ।

୪୫୦ ଲିଟର ଦେଶୀ ମଦ ଜବତ - ୨ ଗିରଫ

ଭଦ୍ରକ, ୩୦/୭ (ହି.ସ.) - ଭଦ୍ରକକୁ ବାଲେଶ୍ୱରରୁ ବେଆଇନ୍ ଭାବେ ଦେଶୀ ମଦ ଆଣୁଥିବାବେଳେ ଭଦ୍ରକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦ୍ୱାରା ୪୫୦ ଲିଟର ଦେଶୀ ମଦ ଜ

କନ୍ଧମାଳରେ ପୁଷ୍ଟିହୀନତାରେ ଅନେକ ଶିଶୁ : ସଚେତନତାର ଅଭାବ

କରୋନାରେ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ, ନବଜାତକଙ୍କୁ ମା' କ୍ଷୀର ଦେବାକୁ ପରାମର୍ଶ

କନ୍ଧମାଳ,୩୦ ଜୁଲାଇ (ହି.ସ.)- ସରକାରଙ୍କ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରଚାର ପ୍ରସାର ସତ୍ତ୍ୱେ କନ୍ଧମାଳ ଜିଲ୍ଲାରେ ରେଡ୍‌ଜୋନରେ ହଜାରେରୁ ଉର୍ଦ୍ଧ୍ୱ ଶିଶୁ ଥିବା ଜଣାପଡିଛି । ପିଲାମାନେ ଯେପରି ପୁଷ୍ଟିହୀନତାର ଶୀକାର ନହେବେ ସେଥିପାଇଁ ଜିଲ୍ଲା ପ୍ରଶାସନ ବହୁବାର ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ ମାନଙ୍କୁ ତାଗିଦ୍ ବି କରୁଛନ୍ତି । ବର୍ତମାନ ଜିଲ୍ଲାରେ କୁଆଡେ ହଜାରେ ଶିଶୁ ରେଡଜୋନ୍‌ରେ ରହିଥିବା ଜଣାପଡିଛି । ଯେଉଁ ପିଲାମାନେ ରେଡ୍ ଜୋନରେ ଥିବେ ସେମାନଙ୍କୁ ଏନଆରସି ବା (ପୁଷ୍ଟି ପୂର୍ନବାସ କେନ୍ଦ୍ର)କୁ ଅଣାଯାଇ ଚିକିତ୍ସା କରାଯିବା ସହ ବିଶେଷ ଧ୍ୟାନ ଦିଆଯିବ । ତେବେ, ପ୍ରଚାର ପ୍ରସାର ଓ ସଚେତନ ଅଭାବରୁ ଗ୍ରାମାଂଚଳରେ ଲୋକେ ଏ ଦିଗରେ ବିଶେଷ କିଛି ଜାଣିପାରୁନାହାଁନ୍ତି । ଫଳରେ ବହୁ ଶିଶୁ ଆବଶ୍ୟକ ଚିକିତ୍ସାରୁ ବଂଚିତ ହେଉଛନ୍ତି । ଗତ ୨୦୧୧ ରୁ ଫୁଲବାଣୀ ଓ ବାଲିଗୁଡା ଠାରେ ପୁଷ୍ଟି ପୂର୍ନବାସ କେନ୍ଦ୍ର କାର୍ଯ୍ୟକାରୀ ହେଉଛି । ହେଲେ ଏହି କେନ୍ଦ୍ର ଗୁଡିକ ଠିକ୍ ଭାବେ ପରିଚାଳିତ ହେଉନଥିବାରୁ ଲୋକେ ଉପକୃତ ହୋଇପାରୁନାହାଁନ୍ତି । ଯେଉଁମାନେ ରେଡଜୋନ୍‌ରେ ଅଛନ୍ତି ସେମାନଙ୍କୁ ଏନଆରସି ସେଣ୍ଟରକୁ ଆଣିବା କଥା, ହେଲେ ଅଣାଯାଇପାରୁନି । ଜିଲ୍ଲାରେ ରେଡ ଜୋନ୍‌ରେ ୧୦୦୦ ପର୍ଯ୍ୟନ୍ତ ଶିଶୁ ଥିବା ବେଳେ ଗ୍ରୀନ ଜୋନ୍‌ରେ ୭୫ ହଜାର ୪୧୬, ୟେଲୋ ଜୋନ୍‌ରେ ୧୫ ହଜାର ୭୭୩ ପିଲା ଅଛନ୍ତି । ଜିଲ୍ଲାର ଫିରିଙ୍ଗିଆ ଓ ଦାରିଙ୍ଗବାଡି ବ୍ଲକରେ ଅଧିକା ଶିଶୁ ଥିବା ବେଳେ କ.ନୂଆଗାଁ ରେ ମଧ ଶହେରୁ ଉର୍ଦ୍ଧ୍ୱ ଅଛନ୍ତି । ତେବେ, ଚକାପାଦ , ତୁମୁଡିବନ୍ଧ, ଟିକାବାଲି, ରାଇକିଆ, ଫୁଲବାଣୀ, ଜି.ଉଦୟଗିରି, ବାଲିଗୁଡା ଆଦି ବ୍ଲକ ଗୁଡିକରେ କମ୍ ଶିଶୁ ଅଛନ୍ତି । ସେଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ସମସ୍ତ ନବଜାତ ମାନଙ୍କର ମାନସିକ ତଥା ଶାରୀରିକ ବିକାଶ ନିହାତି ଆବଶ୍ୟକ ରହିଛି । ସେଥିପାଇଁ ସେମାନଙ୍କୁ ମା" ମାନେ ସମସ୍ତ ପ୍ରକାରର କୋଭିଡ ନିୟମକୁ ମାନିବା ସହିତ ପିଲାମାନଙ୍କୁ ନିୟମିତ ଭାବରେ ସ୍ତନ୍ୟପାନ କରାଇବା ପାଇଁ ପରାପର୍ଶ ଦିଆଯାଇଛି । ଏହା ସହିତ ବିଭାଗୀୟ ଅଧିକାରୀ ମାନଙ୍କୁ ଏହି ଦିଗରେ ଗୁରୁତ୍ୱର ସହିତ ଲୋକଙ୍କି ବୁଝାଇବା ପାଇଁ ପରାମର୍ଶ ପ୍ରଦାନ କରାଯାଇଛି । ପ୍ରତିମାସ ମଙ୍ଗଳବାର ଓ ଶୁକ୍ରବାର ମମତା ଦିବସ ଓ ୧୫ ତାରିଖ ଦିନ ପୁଷ୍ଟିକର ଦିବସ ପାଳନ କରାଯାଉଛି । ହେଲେ ମହାମାରୀ କରୋନା ସଂକ୍ରମଣ ଯୋଗୁଁ ଏସବୁ ବନ୍ଦ ରହିଥିବା କୁହାଯାଉଛି । କେଉଁଠି ମମତା ଦିବସ ପାଳନ ହେଉଥିବା ଜଣାପଡୁନି । ତେବେ, ଏନଏଚଏମ ସଂଯୋଜକଙ୍କ କହିବା କଥା ହେଲା ଶିଶୁମାନଙ୍କୁ ଉନ୍ନତ ଧରଣର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି । ମେଡିକାଲକୁ ଆସିଲେ ଉନ୍ନତ ମାନର ଚିକିତ୍ସା ସେବା ସେବା ଯୋଗାଇ ଦିଆଯାଉଛି । ଏନଆରସି ସେଣ୍ଟର ଗୁଡିକରେ ଭଲ ହେବା ଯାଏଁ ଶିଶୁମାନଙ୍କୁ ରଖାଯାଉଛି । କୌଣସି କ୍ଷେତ୍ରରେ ଅବହେଳା ମଧ କରାଯାଉନି । ଅବହେଳା ନେଇ ଅଭିଯୋଗ ଆସିଲେ ତାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏନଏଚଏମ ଅଧିକାରୀ କହିଛନ୍ତି । ହେଲେ ଆଦିବାସୀ ଅଧୁଷିତ କନ୍ଧମାଳ ଜିଲ୍ଲାରେ ଶିଶୁ ମୃତ୍ୟୁକୁ ରୋକିବା ଦିଗରେ ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଜରୁରୀ ବୋଲି ମତପ୍ରକାଶ ପାଉଛି ।

କଡା କଟକଣାରେ ଚାଲିଛି ବ୍ୟାଙ୍କ ସେବା : କରୋନା ଯୋଦ୍ଧା ଏସ.ବି.ଆଇ ମୁଖ୍ୟ ପ୍ରକାଶ ଗ୍ରହାଚାର୍ଯ୍ୟ

ପଟ୍ଟାମୁଣ୍ଡାଇ, ୩୦ ଜୁଲାଇ(ହି.ସ.) - ମହାମାରୀ କରୋନାକୁ ନେଇ ଅସ୍ତବ୍ୟସ୍ତ ହୋଇପଡିଛି ସମଗ୍ର ବିଶ୍ୱ । କରୋନା ବିନାଶ ପାଇଁ ବିଶ୍ୱର ବୈଜ୍ଞାନିକମାନେ ଦିନରାତି ଗବେଷଣା ଚଳାଇ ଔଷଧ ଓ ଟୀକା ବାହାର କରିବା ପାଇଁ ଜୋରଦାର କସରତ ଚଳାଇଛନ୍ତି । ତଥାପି କୌଣସି ନିଶ୍ଚିତ ସଫଳତା ହାସଲ ହୋଇପାରିନାହିଁ । କରୋନା ସଂକ୍ରମଣ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି । ମାତ୍ର ସଂକ୍ରମଣର ମାତ୍ରା କମିବାର ନାଁ ଧରୁନାହିଁ । ଏଭଳି ସ୍ଥିତିରେ ଜୀବନଜୀବିକା ଦୋଛକିରେ ଛିଡା ହୋଇଛି । ସଂକ୍ରମଣ ରୋକିବା ଓ କରୋନା ଯୁଦ୍ଧରେ ସାମିଲ ସରକାରୀ ଅଧିକାରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ବ୍ଲକ, ତହସିଲ, ଥାନା, ପୌରପରିଷଦ କାର୍ଯ୍ୟାଳୟ ଆଦି ସରକାରୀ ଦପ୍ତରକୁ ଜରୁରୀ କାମ ନଥିଲେ ପ୍ରବେଶ ଉପରେ କଟକଣା ଲାଗୁ କରିଛନ୍ତି । ଦୈନନ୍ଦିନ ଜୀବନରେ ବ୍ୟାଙ୍କ ସେବା ଏକ ଜରୁରୀ ଆବଶ୍ୟକତା ଭାବେ ଦେଖା ଦେଇଛି । କୃଷକ, ଶ୍ରମିକ, ଚାଷୀ, ମୂଲିଆ, ଛାତ୍ର, ଶିକ୍ଷକ, ସରକାରୀ କର୍ମଚାରୀ ଓ ପେନସନଭୋଗୀ ସମସ୍ତେ ବ୍ୟାଙ୍କ ବିନା ଚଳିବା କଷ୍ଟକର ହୋଇପଡିଛି । କରୋନା ଭଳି ସଂକଟଜନକ ସ୍ଥିତିରେ ବ୍ୟାଙ୍କ ସେବା ଯୋଗାଇବା ଏକ ଆହ୍ୱାନ ଭାବେ ଦେଖା ଦେଇଛି । କାରଣ ବ୍ୟାଙ୍କ ସେବା ଯୋଗାଇ ବହୁ ବ୍ୟାଙ୍କ ପରିଚାଳକ, ଅଫିସର ଓ କର୍ମଚାରୀ କରୋନା ସଂକ୍ରମିତ ହେବା ଦେଖା ଯାଇଛି । ସଦା ଭୟ ଓ ଆଶଙ୍କା ଭିତରେ ଚାଲିଛି ପଟ୍ଟାମୁଣ୍ଡାଇ ଷ୍ଟେଟବ୍ୟାଙ୍କ ସାହା । ପଟ୍ଟାମୁଣ୍ଡାଇ ଅଚଂଳର ସବୁବର୍ଗର ଲୋକମାନଙ୍କ ଆଶା ଓ ଭରସାର ପ୍ରତୀକ ଷ୍ଟେଟବ୍ୟାଙ୍କ । ନିଜ ଜୀବନ ଓ ପରିବାରକୁ ବିପଦ ମଧକୁ ଠେଲି ଦେଇ ନିର୍ବିକାର ଭାବେ କର୍ତବ୍ୟ ସଂପାଦନ କରି ନିଜକୁ ସଫଳ କରୋନା ଯୋଦ୍ଧା ଭାବେ ପ୍ରମାଣିତ କରିଛନ୍ତି ପଟ୍ଟାମୁଣ୍ଡାଇ ଷ୍ଟେଟବ୍ୟାଙ୍କର ମୁଖ୍ୟପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟ । ବ୍ୟାଙ୍କ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଜୋରଦାର କରିବା ସହିତ ଜନସାଧାରଣଙ୍କୁ ମାସ୍କ, ସାନିଟାଇଜର ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଛତା ଆଦି ବଟଂନ କରିଛନ୍ତି । ସରକାରୀ ନିର୍ଦ୍ଦେଶନାମା ଓ କଟକଣାକୁ କଡାକଡି ଭାବେ ପାଳନ କରି ବ୍ୟାଙ୍କ ସେବା ଜାରି ରଖିଛନ୍ତି । ବ୍ୟାଙ୍କ ମଧରେ ସାମାଜିକ ଦୂରତ୍ୱକୁ କଡାକଡି କରାଯାଇଛି । କରୋନା ମୁକାବିଲା ଓ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଶାସନ ପକ୍ଷରୁ ଆୟୋଜିତ ବିଭିନ୍ନ ସରକାରୀ ବୈଠକରେ ବ୍ୟାଙ୍କ ମୁଖ୍ୟ ପରିଚାଳକ ଶ୍ରୀଗ୍ରହାଚାର୍ଯ୍ୟ ଯୋଗ ଦେଇ କରୋନା ଯୁଦ୍ଧରେ ନିଜକୁ ସାମିଲ କରିଛନ୍ତି । କରୋନା ସମୟରେ ଆର୍ଥିକ ସଂକଟ ମଧରେ ଥିବା ଲୋକମାନଙ୍କୁ ସହାୟତା କରି ଜୀବନର ରାହା ଯୋଗାଇଛନ୍ତି । ଏଥି ସହିତ ବ୍ୟାଙ୍କରେ ଗହଳି କମାଇବା ଓ ସାମାଜିକ ଦୂରତା ବଜାୟ ରଖିବା ପାଇଁ ବ୍ୟାଙ୍କ ସମ୍ମୁଖରେ ଅପେକ୍ଷାରତ ଗ୍ରାହକମାନଙ୍କ ପାଇଁ ଟେଟଂ ବ୍ୟବସ୍ଥା କରାଯାଇଛି । ସତର୍କତା ଓ ସଚେତନତାର ସହ ସରକାରୀ ନିର୍ଦ୍ଦେଶନାମା ଓ କଟକଣା ମାନି ଜୀବନଯାପନ କଲେ କରୋନା ଯୁଦ୍ଧରେ ଜିତିବା ବୋଲି ଭରସା ଦେବା ସହିତ ସରକାରୀ ନିର୍ଦ୍ଦେଶନାମା ଓ କଟକଣା ମାନିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି ।

୨୩ଟି ଜିଲ୍ଲାରୁ ସୁସ୍ଥ ହେଲେ ୮୦୭ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୩୦ ଜୁଲାଇ - ରାଜ୍ୟର ୨୩ଟି ଜିଲ୍ଲାରୁ ଗୁରୁବାର ୮୦୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥଙ୍କର ସଂଖ୍ୟା ୧୯ ହଜାର ୭୪୫ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଗଂଜାମ ଜିଲ୍ଲାରୁ ସର୍ବାଧିକ ୪୩୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।ସେହିପରି କଟକ ଜିଲ୍ଲାରୁ ୬୨ ଜଣ, ରାୟଗଡ଼ା ଜିଲ୍ଲାରୁ ୪୭ ଜଣ, ଗଜପତି ଜିଲ୍ଲାରୁ ୩୪ ଜଣ, କେନ୍ଦୁଝର ଜିଲ୍ଲାରୁ ୨୯ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୨୪ ଜଣ, ନୟାଗଡ଼ ଜିଲ୍ଲାରୁ ୨୩ ଜଣ, ଯାଜପୁର ଜିଲ୍ଲାରୁ ୨୧ ଜଣ, କନ୍ଧମାଳ ଜିଲ୍ଲାରୁ ୧୯ ଜଣ, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ମୟୂରଭଂଜ ଜିଲ୍ଲାରୁ ୧୪-୧୪ ଜଣ, ଭଦ୍ରକ ଜିଲ୍ଲାରୁ ୧୩ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧୨ ଜଣ, ବରଗଡ଼ ଜିଲ୍ଲାରୁ ୧୧ ଜଣ, ମାଲକାନଗିରି ଜିଲ୍ଲାରୁ ୧୦ ଜଣ, ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲାରୁ ୭ ଜଣ ଲେଖାଏଁ, ଝାରସୁଗୁଡ଼ାରୁ ୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪ ଜଣ, ଅନୁଗୁଳ ଜିଲ୍ଲାରୁ ୪ ଜଣ, ଅନୁଗୁଳ ଜିଲ୍ଲାରୁ ୩ ଜଣ, କୋରାପୁଟ ଓ ପୁରୀ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ବିଳମ୍ବରେ ହେଲେବି ସମାଜ କଲ୍ୟାଣ ବିକାଶ ପରିଷଦର ଦାବି ଗ୍ରହଣ କଲେ ଜିଲ୍ଲା ପ୍ରଶାସନ

ଜଳେଶ୍ୱର, ୩୦/୭ (ନି.ପ୍ର) : କରୋନ ସଂକ୍ରମଣ ଓ ସଚେତନତା ଲାଗି ବିଳମ୍ବରେ ହେଲେ ମଧ୍ୟ ଜିଲା ପ୍ରଶାସନ ଜଳେଶ୍ୱରର ସମାଜ କଲ୍ୟାଣ ବିକାଶ ପରିଷଦର କେତେକ ଦାବିକୁ ଗ୍ରହଣ କରିଥିବାରୁ ସଂଗଠନ ପକ୍ଷରୁ କୃତଜ୍ଞତା ଜଣାଇ ଦିଆଯାଇଛି । କୋଭିଡ୍ -୧୯ର ବିପଦ ସଂପର୍କରେ ସଂଗଠନ ପକ୍ଷରୁ ଅତୀତରେ ଏକ ବୈଠକରେ ବିଶେଷ ଆଲୋଚନା କରାଯାଇ ବିଶ୍ୱର କେତେଜଣ ଦାର୍ସନୀକ, ବିଶେଷଜ୍ଞ ଓ ଡବ୍ଲ୍ୟୁଏଚ୍‌ଓର ମତାମତ ନେଇ ଏହାର ସୁପରିଚାଳନା ଲାଗି ଜିଲା ପ୍ରଶାସନ ନିକଟରେ କେତେକ ମତାମତ ରଖିଥିଲେ । ସମଗ୍ର ମ୍ୟୁନିସିପାଲଟିର ୧୭ଟି ୱାର୍ଡକୁ ସ୍ୱଚ୍ଛ ଓ ବିଶୋଧନ କରିବା, ଦୈନିକ ବଜାରକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନ ରଖି ଜଳେଶ୍ୱର ବଡବଜାର ଠାରୁ ଷ୍ଟେସନ ବଜାର ଯାଏ ସାମାଜିକ ଦୂରତା ରକ୍ଷା କରି ରାସ୍ତାକଡରେ ବସାଇବା, ମାଛ ହାଟକୁ ଜଳେଶ୍ୱର ବଡପୋଲ ଗ୍ରୀନ୍‌ରେ କୋଠାର ସମ୍ମୁଖରେ ବସାଇବା, ବ୍ୟାପକ ସ୍ୱାବ ଟେଷ୍ଟ କରାଯାଇ ନିରାକରଣ କରିବା, ଜଳେଶ୍ୱର ସହରର ପ୍ରବେଶ ପଥକୁ ସୀଲ କରାଯାଇ ପୁଲିସ୍ ହେପାଜତ୍‌ରେ ରଖିବା ଭଳି କେତେକ ପ୍ରସ୍ତାବ ସରକାରଙ୍କୁ ଗତ ଏପ୍ରିଲ ମାସରେ ଦିଆଯାଇଥିଲା । କିନ୍ତୁ ସେତେବେଳେ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଇନଥିବା ବେଳେ ଏବେ ପାଳନ କରିଥିବାରୁ ସଂଗଠନ ପକ୍ଷରୁ ସଂପାଦକ ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଶରତ ଚନ୍ଦ୍ର ପରିଡା, ଶତ୍ରୁଘ୍ନ ଦଳେଇ, ଆଦିତ୍ୟ ନାରାୟଣ ପାତ୍ର, ସତ୍ୟନାରାୟଣ ଦାସ, ଶଶାଙ୍କ ଶେଖର ମହାନ୍ତି ପ୍ରମୁଖ ସଦସ୍ୟମାନେ ଜିଲାପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ।

ମୀରାମ୍ବିକା ଆବାସିକ ବିଦ୍ୟାଳୟରେ ଶତପ୍ରତିଶତ ମ୍ୟାଟ୍ରିକ୍ ରେଜାଲ୍ଟ

ବାଲେଶ୍ୱର,୩୦।୭ (ନି.ପ୍ର): ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ଶତପ୍ରତିଶତ ସଫଳତା ପାଇଥିବା ବାଲେଶ୍ୱର ମଠସାଇସ୍ଥିତ ମୀରାମ୍ବିକା ଆବାସିକ ବିଦ୍ୟାଳୟରେ ଆଜି ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟରେ ୩୭ ଜଣ ଛାତ୍ରଛାତ୍ରୀ ଜଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଗାୟତ୍ରୀ ମାନ୍ନା ୯୦ ପ୍ରତିଶତ ମାର୍କ ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦେବବ୍ରତ ସାହୁ ଏ-୨ ଗ୍ରେଡ୍‌ରେ ପାସ ହୋଇଛନ୍ତି । ସେହିପରି ବିଦ୍ୟାଳୟର ୭ ଜଣ ଛାତ୍ରଛାତ୍ରୀ ବି-୧ ଗ୍ରେଡ୍‌ରେ, ୧୫ ଜଣ ବି-୨ ଗ୍ରେଡ୍‌ରେ, ୮ ଜଣ ସି ଗ୍ରେଡ୍‌ରେ ଓ ଅନ୍ୟ ୫ ଜଣ ଡି ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ଶିକ୍ଷାବିତ୍ ନିରଂଜନ ଖୁଣ୍ଟିଆ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ । ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପାଠ୍ୟକ୍ରମ ସହିତ ଶ୍ରୀମା-ଶ୍ରୀ ଅରବିନ୍ଦଙ୍କ ଆଦର୍ଶକୁ ଭିତ୍ତି କରି ଏଠାରେ ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶ ପାଇଁ ଉଦ୍ୟମ ହୋଇଥାଏ ବୋଲି ସେ କହିଥିଲେ । ଏଠି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥିବା ବେଳେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ବିକାଶ ପାଇଁ ସ୍ୱତନ୍ତ୍ର ପରିବେଶ ହିଁ ସଫଳତା ଆଣିବାରେ ସହାୟକ ହୋଇଛି ବୋଲି ଶ୍ରୀ ଖୁଣ୍ଟିଆ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଏଠାକାର ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ବର୍ଦ୍ଧିତ ଅବସରରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଗାୟତ୍ରୀ ମାନ୍ନା ତାଙ୍କ ସଫଳତାର ଶ୍ରେୟ ପିତମାତାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଥିଲେ । ଆଗାମୀ ଦିନରେ ଜଣେ ଡାକ୍ତର ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିଥିଲେ ।

ମାଟ୍ରିକ ପରିକ୍ଷା ଜିଲ୍ଲାସ୍ତରରେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ଛାତ୍ରୀ ପ୍ରଥମ ଓ ଶିଶୁ ମନ୍ଦିର ଛାତ୍ରୀ ଦ୍ୱିତୀୟ

ପାରାଦ୍ୱୀପ ,୩୦।୭ (ନି.ପ୍ର): ପ୍ରତିକ୍ଷୀତ ମାଟ୍ରିକ ପରିକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ଥର ପରିକ୍ଷାରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ର ଛାତ୍ରୀ ସ୍ମିତି ପ୍ରଜ୍ଞା ପରିଡା ୫୫୩ ନମ୍ବର ରଖି ଜଗତସିଂହପୁର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ପାରାଦ୍ୱୀପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ରୀ ସ୍ନେହା ଶ୍ରାବଣୀ ନାୟକ ୫୪୮ ନମ୍ବର ରଖି ୨ୟ ସ୍ଥାନରେ ରହିଛନ୍ତି । ଶିଶୁ ମନ୍ଦିର ର ଜଣେ ଛାତ୍ରୀ ଏ୧ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ୨ରେ ୧୨ଜଣ, ବି୧ରେ ୨୮, ବି୨ରେ ୩୩, ସିରେ ୪୩, ଡିରେ ୨୩ ଓ ଇ ଗ୍ରେଡ୍‌ରେ ୧୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ସ୍କୁଲର ପରିକ୍ଷା ଫଳ ଶତ ପ୍ରତିଶତ ହୋଇଥିବାରୁ ସ୍କୁଲର ସଭାପତି ଜ୍ଞାନଚାନ୍ଦ ଆଚାର୍ଯ୍ୟ, ସଂପାଦକ ଡା. ଦେବଦତ୍ତ ସାମନ୍ତରାୟ, ପ୍ରଧାନ ଅଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ଓ ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ଛାତ୍ର ଛାତ୍ରିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ମଧ ଶତ ପ୍ରତିଶତ ସଫଳତା ପାଇଛି । ଏ ୨ଗ୍ରେଡ୍‌ରେ ୯ଜଣ, ବି୧ ରେ ୧୫, ବି୨ରେ ୧୮, ସିରେ ୨୯, ଡିରେ ୨୬ ଓ ଇ ଗ୍ରେଡ୍‌ରେ ୧୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସ୍କୁଲର ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦାଶ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

ଉତ୍କଳ ଗୌରବ ମଧୁସୂଦନ ଓ ନାଟ୍ୟକାର ଅସୀମ ବସୁଙ୍କ ପ୍ରତିମୂର୍ତି ଉନ୍ମୋଚନ

ଭୁବନେଶ୍ୱର, ୩୦ ଜୁଲାଇ - ଉତ୍କଳ ଗୌରବ ମଧୁସୂଦନ ଦାସ ଓ ନାଟ୍ୟକାର ଅସୀମ ବସୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିର ଅନାବରଣ କରାଯାଇଛି । ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ଏହି କାର୍ଯ୍ୟକ୍ରମକୁ ଭର୍ଚୁଆଲ ଭାବେ ଆୟୋଜନ କରାଯାଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ପ୍ରତିମୂର୍ତିଗୁଡ଼ିକୁ ସୁଇଚ୍ ଟିପି ଅନାବରଣ କରିଥିଲେ । ଏହି ଅବସରରେ ଭିଡ଼ିଓ ବାର୍ତା ଦେଇ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଓଡ଼ିଆ ଜାତିର ଅସ୍ମିତା ପାଇଁ ଯେଉଁ ତ୍ୟାଗ ଓ ସଂଘର୍ଷ କରିଯାଇଛନ୍ତି ତାକୁ କୌଣସି ଓଡ଼ିଆ କେବେ ବି ଭୁଲିପାରିବେ ନାହିଁ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆର ସ୍ୱାଭିମାନ ସକାଶେ ତାଙ୍କ ଅବଦାନ ଥିଲା ଅତୁଳନୀୟ । ସେହିପରି ନାଟ୍ୟକାର, ନିର୍ଦ୍ଦେଶକ, ଲେଖକ ଶ୍ରୀ ଅସୀମ ବସୁ ଥିଲେ ଜଣେ ଲବ୍ଧ ପ୍ରତିଷ୍ଠ କଳାକାର । ଓଡ଼ିଆ ମଂଚ ନାଟକ ଓ ମଂଚ କଳାକୁ ସେ ଏକ ନୂତନ ଦିଗ ଦେଇ କଳା ଜଗତରେ ବେଶ୍ ସୁନାମ ଅର୍ଜନ କରିପାରିଥିଲେ । ଏହି ଦୁଇ ମହାନ୍ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତି ସ୍ଥାପନ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତା'ର ପ୍ରତିଶ୍ରୁତି ରକ୍ଷା କରିଛି ବୋଲି କହିଥିଲେ ।ଏହି ଦୁଇଟି ପ୍ରତିମୂର୍ତି ମଧ୍ୟରୁ ମଧୁବାବୁଙ୍କ

ଶୁକ୍ରବାର,୩୧ ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ପୂର୍ବତଟ ରେଳପଥର ସାଇବର ସେଲ ଉଦ୍‌ଘାଟିତ

ଭୁବନେଶ୍ୱର,୩୦।୭ (ନି.ପ୍ର): ଡିଜିଟାଲ ତଥ୍ୟ ପ୍ରମାଣ ସଂଗ୍ରହ ଓ ସାଇବର ଅନୁସନ୍ଧାନ ପ୍ରଣାଳୀ ର ପ୍ରୟୋଗ ନିମନ୍ତେ ପୂର୍ବ ତଟ ରେଳପଥର ରେଳ ସୁରକ୍ଷା ବଳ ସାଇବର ସେଲକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣ ଉଦଘାଟନ କରିଛନ୍ତି । ଏଥିପାଇଁ ଉଚ୍ଚ ଗୁଣବତାର ହାର୍ଡୱୟାର ଓ ସଫ୍ଟୱୟାର କ୍ରୟ କରାଯାଇ ସ୍ଥାପିତ କରାଯାଇଛି । ରେଳ ସୁରକ୍ଷା ବଳର ଏହି ସେଲରେ ନିୟୋଜିତ ହୋଇଥିବା କର୍ମଚାରୀମାନେ ଉଚ୍ଚ ପ୍ରଶିକ୍ଷିତ । ଏହି ସାଇବର ସେଲ ନିଶ୍ଚିତ ରୂପେ ହାଇ ଟେକ ପଦ୍ଧତି ଓ ଆଇ ଟି ସିଷ୍ଟମ ମାଧ୍ୟମରେ ବୃଦ୍ଧି ପାଉଥିବା ଅପରାଧକୁ ଠାବ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସହାୟକ ହେବ ବୋଲି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ସୂଚନା ଦେଇଛନ୍ତି । ଅନ ଲାଇନ ଠକେଇକୁ ଧରିବା ପାଇଁ ସୁରକ୍ଷା କର୍ମଚାରୀଙ୍କୁ ଅଧିକ ବୈଷୟିକ ତାଲିମ ଦେବା ଉପରେ, ସେ ଗୁରୁତ୍ୱାରୋପ କରିଥିଲେ । ଅନଧିକୃତ ସଫ୍ଟୱୟାର / ଆପ୍ଲିକେସନ୍ ଦ୍ୱାରା ସଂରକ୍ଷଣ ପ୍ରଣାଳୀକୁ ବାଇପାସ କରି ଅଗ୍ରିମ ସଂରକ୍ଷଣ ବର୍ଥ କରବାରରେ ସମ୍ପୃକ୍ତ ଅନୈତିକ ଲୋକଙ୍କୁ ଠାବ କରିବାରେ ଏହା ଫଳପ୍ରଦ ହେବ । ଯାତ୍ରୀମାନଙ୍କ ଠାରୁ ଅତ୍ୟଧିକ ଉଚ୍ଚ ଦରରେ ଟିକଟ ବିକ୍ରୟ କରିଥାନ୍ତି ।ଏହି ସେଲ ରେଳ ପରିସରରୁ ରେଳବାଇ ସାମଗ୍ରୀ ଚୋରି କରିବା, ରେଳ ଫାଟକ ଇତ୍ୟାଦି ଭାଙ୍ଗି ପଳାଇ ଯାଉଥିବା ଅପରାଧୀ ମାନଙ୍କୁ ଧରିବାରେ ସହାୟକ ହେବ । ସେହିପରି ମହିଳା ଓ ଶିଶୁଙ୍କ ମାନଙ୍କ ପ୍ରତି ଘଟୁଥିବା ଅପରାଧ, ନିଶା କାରବାର, ରେଲୱେ ଷ୍ଟେସନ, ଟ୍ରେନ ଓ ରେଳ ପରିସରରେ ଘଟିଥିବା ଜଙ୍ଗଲଜାତ ଦ୍ରବ୍ୟର ଚୋରା କରବାର ଇତ୍ୟାଦି ଭଳି ଅପରାଧର ଡାଟା ଅନ୍ୟାନ୍ୟ ଆଇନ ପ୍ରବର୍ତନ ସଂସ୍ଥା ମାନଙ୍କୁ ମଧ୍ୟ ଅର୍ପଣ କରି ଦିଆଯିବ । ଏହି ପଦକ୍ଷେପ ନିଶ୍ଚିତ ରୂପେ ରେଳପଥରେ ଅପରାଧ ଘଟିବା ହ୍ରାସ କରି ଯାତ୍ରୀମାନଙ୍କୁ ଅଧିକ ସୁରକ୍ଷିତ ରେଳ ଯାତ୍ରାର ବାତାବରଣ ଉପଲବ୍ଧ କରାଇବା ସହିତ ରେଳବାଇ ସମ୍ପତ୍ତିକୁ ଉନ୍ନତ ନିରାପତା ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ପ୍ରମୁଖ ମୁଖ୍ୟ ନିରାପତ୍ତା କମିଶନର ରାଜାରାମ, ବିଭାଗୀୟ ପ୍ରମୁଖ, ଡିଆରଏମ, ଖୋର୍ଦ୍ଧାରୋଡ ଶଶୀକାନ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

୯୩୪ ଛୁଇଁଲା ବାଲେଶ୍ୱର ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୩୦।୭ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ଚିନ୍ତା ବଢ଼ାଇଚାଲିଛି । ଆଜି ସୁଦ୍ଧା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୫ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୩୫ହଜାର ଟପିଛି । ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୦୩ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୦ହଜାର ୩୭୮ରେ ପହଞ୍ଚିଛି । ତେବେ ଅଦ୍ୟାବଧି ୧୮,୯୩୯ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୧,୨୩୪ଜଣ ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଆଜି ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ଅଦ୍ୟାବଧି କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୧୬୯ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱରରେ ମଧ୍ୟ ଗତ କିଛିଦିନ ଧରି କ୍ରମାଗତ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୨୦ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୯୩୪ରେ ପହଞ୍ଚିଛି । ଅଦ୍ୟାବଧି ୬୯୯ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୨୯ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଆଜି ନୂଆ ଭାବେ ଚିହ୍ନଟ ହୋଇଥିବା ୨୦ ଜଣଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ସେଣ୍ଟରରେ ୫ ଜଣ ଥିବାବେଳେ ଅନ୍ୟ ୧୫ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । କ୍ୱାରେଣ୍ଟାଇନ୍ କେନ୍ଦ୍ରରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ପଶ୍ଚିମବଙ୍ଗ ଫେରନ୍ତା ସିମୁଳିଆ ବ୍ଲକ ରଣ୍ଟା ଅଞ୍ଚଳର ୫୮ ବର୍ଷର ପୁରୁଷ ଓ ପୂର୍ବ ପଜିଟିଭ୍‌ଙ୍କ ଦ୍ୱାରା ସଂକ୍ରମିତ ପରମେଶ୍ୱରପୁର ଅଞ୍ଚଳର ୪୦ ବର୍ଷର ଯୁବକ ଏବଂ ବସ୍ତା ବ୍ଲକ ଆମ୍ବକୁଢୁଚି ଅଞ୍ଚଳର ୪୦ ବର୍ଷ ଯୁବକ ଅଛନ୍ତି । ସେହିପରି ଅନ୍ୟରୋଗର ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ଯାଇଥିବା ସଦର ବ୍ଲକର ୬୨ ବର୍ଷର ପୁରୁଷ ଓ ଯମୁନାଜଳ ଅଞ୍ଚଳର ୨୨ ବର୍ଷର ଯୁବତୀଙ୍କଠାରେ କରୋନା ପଜିଟିଭ୍ ବାହାରିଛି । ଅନ୍ୟପକ୍ଷରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୫ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ୩ ଜଣ କରୋନା ଯୋଦ୍ଧା ରହିବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ତେବେ ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ କରୋନା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି । ଯାହା ବି ହେଉ ଗତ କିଛଦିନ ଧରି ଜିଲ୍ଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ଅଗଷ୍ଟ ମାସରେ ସ୍ଥିତି ଆହୁରି ସଙ୍ଗୀନ ହେବା ନେଇ ଆଶଙ୍କା ଦେଖାଦେଇଛି । ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

ଜଗତସିଂହପୁରରେ କରୋନା ସ୍ଥିତି ଓ ପ୍ଲାଜମା ଦାନ ସମ୍ପର୍କରେ ସମୀକ୍ଷା କଲେ ମନ୍ତ୍ରୀ ରଘୁନନ୍ଦନ ଦାସ

ଭୁବନେଶ୍ୱର,୩୦।୭ (ନି.ପ୍ର): ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଏବଂ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି ଜିଲ୍ଲାରେ କରୋନା ସ୍ଥିତି , ପ୍ଲାଜମା ଥେରାପି ପାଇଁ ପ୍ଲାଜମା ଦାନର ଆବଶ୍ୟକତା ଓ କୋଭିଡ୍ କେୟାର ସେଣ୍ଟର ସମ୍ପର୍କରେ ସମୀକ୍ଷା କରିଛନ୍ତି । ଜିଲ୍ଲାରେ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କର ପ୍ଲାଜମା ଦାନ କରିବା ପାଇଁ ଉତ୍ସାହିତ କରିବାକୁ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ । ପ୍ଲାଜମା ଦାତାଙ୍କ ପାଇଁ ଏସ୍.ସି.ବି ମେଡିକାଲକୁ ନେବା, ଆଣିବା, ରହିବା ଏବଂ ଖାଇବା ପିଇବାର ସୁବ୍ୟବସ୍ଥା ଜିଲ୍ଲା ପ୍ରଶାସନ ତରଫରୁ କରିବା ପାଇଁ ମନ୍ତ୍ରୀ ଶ୍ରୀ ଦାସ ଆବଶ୍ୟକୀୟ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଯୋଗଦେଇ ଜଗତସିଂହପୁର ବିଧାୟକ ଶ୍ରୀ ମୁଦୁଲି ପ୍ରଥମେ ୪ରୁ ୫ ଜଣ କୋଭିଡ୍‌ରୁ ଆରୋଗ୍ୟ ବ୍ୟକ୍ତିଙ୍କୁ ଏସ୍.ସି.ବି ମେଡିକାଲକୁ ପଠାଯାଇ ସେମାନଙ୍କ ଦ୍ୱାରା ପ୍ଲାଜମା ଦାନ ପରେ ସେମାନଙ୍କଠାରୁ ମତାମତ ସଂଗ୍ରହ କରି ଅଧିକରୁ ଅଧିକ ବ୍ୟକ୍ତିଙ୍କୁ ଏହି ପୁଣ୍ୟ କାର୍ଯ୍ୟରେ ସାମିଲ କରିବାକୁ ମତ ରଖିଥିଲେ । ସରପଂଚ. ଅଂଙ୍ଗନବାଡି କର୍ମୀ, ଆଶା କର୍ମୀମାନଙ୍କୁ କୋଭିଡ୍‌ରୁ ସୁସ୍ଥ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରି ପ୍ଲାଜମା ଦାନ ପାଇଁ ଉତ୍ସାହିତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ବୈଠକରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର କହିଲେ ଯେ, କୋଭିଡ୍‌ରୁ ଆରୋଗ୍ୟ ବ୍ୟକ୍ତିଙ୍କୁ ପ୍ଲାଜମା ଦାନ ପାଇଁ ଯୋଗାଯୋଗ କରାଯାଉଛି । ସେମାନେ ପ୍ଲାଜମା ଦାନ ପାଇଁ ଯିବା ଆସିବା ବାବଦରେ ଆନୁଷଙ୍ଗିକ ଖର୍ଚ୍ଚ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ବହନ କରାଯିବ । ଜିଲ୍ଲାରେ ଆଜିଠାରୁ ଟ୍ରୁନାଟ୍ ମେସିନ୍ ମାଧ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ କୋଭିଡ୍-୧୯ ସ୍ୱାବ୍ ପରୀକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

ଅଭିଯୁକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି : ଏସପିଙ୍କଠାରେ ବିଧବାଙ୍କ ଫେରାଦ



ବାଲେଶ୍ୱର,୩୦।୭ (ନି.ପ୍ର): ଅବହେଳା ଯୋଗୁଁ ଡାକ୍ତରଖାନାରେ ସ୍ୱାମୀର ମୃତ୍ୟୁ ହୋଇଥିବା ବେଳେ ଅଭିଯୁକ୍ତ ଡାକ୍ତରଙ୍କ ବିରୋଧରେ ପୁଲିସର ଶୂନ୍ୟ କାର୍ଯ୍ୟାନୁଷ୍ଠାନକୁ ନେଇ ବାଲେଶ୍ୱର ଏସପିଙ୍କଠାରେ ଫେରାଦ ହୋଇଛନ୍ତି ଅଭିଯୋଗକାରିଣୀ ସୋର ଅଞ୍ଚଳର ମହିଳା ପ୍ରଭାତୀ ମଲ୍ଲିକ । ମୁମ୍ବାଇରେ ରହୁଥିବା ତାଙ୍କ ସ୍ୱାମୀ ସ୍ୱର୍ଗତ ବିପିନ୍ ମଲ୍ଲିକ ଓ ଦେଢ଼ଶୂର କରୋନା ସମୟରେ ପ୍ରବାସୀ ଶ୍ରମିକ ଟ୍ରେନ୍‌ରେ ଘରକୁ ଆସି ଭଦ୍ରକରେ ଓହ୍ଲାଇ ସିଧା ନିଜ ଗାଁ ଜଳଦା କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିଥିଲେ । କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିବାର ଷଷ୍ଠ ରାତିରେ ହଠାତ୍ ବିପିନ୍‌ଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟାଙ୍କ ପରାମର୍ଶ କ୍ରମେ ତାଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଡ୍ୟୁଟିରେ ଥିବା ଡାକ୍ତର ମହମ୍ମଦ ଫୟାଜ୍ ଖାଁଙ୍କ ଅବହେଳା ଓ ଭୁଲ ଇଂଜେକ୍ସ ଦେବା ଫଳରେ ବିପିନ୍‌ଙ୍କର ମୃତ୍ୟୁ ହୋଇଯାଇଥିଲା । ଡାକ୍ତରଙ୍କ ଅବହେଳାକୁ ନେଇ ପତ୍ନୀ ପ୍ରଭାତୀ ସୋର ଥାନାରେ ଡାକ୍ତର ଫୟାଜ ଖାଁଙ୍କ ବିରୋଧରେ ଏତଲା ଦେଇଥିଲେ । ମାତ୍ର ଦୀର୍ଘଦିନ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ଯୋଗୁଁ ସେ ଜନୈକ ମାନବାଧିକାର ସଦସ୍ୟଙ୍କ ସହଯୋଗରେ ଆଜି ଏସପିଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି । ଏ ବାବଦରେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରଭାତୀ ଏସପିଙ୍କୁ ନିବେଦନ କରିଛନ୍ତି । ଏନେଇ ସେ ଏକ ସ୍ମାରକପତ୍ର ଏସପି ଶୁଧାଂଶୁ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି ।

ରାଜ୍ୟରେ କୋଭିଡ ଟେଷ୍ଟିଂ ସଠିକ ରୂପେ ଚାଲିଛି : ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା

ଭୁବନେଶ୍ୱର,୩୦ ଜୁଲାଇ - କରୋନା ମୁକାବିଲା ଲାଗି ରାଜ୍ୟ ସରକାର ଟେଷ୍ଟିଂକୁ ଗୁରୁତ୍ୱ ଦେଉଛନ୍ତି । ଟେଷ୍ଟିଂ ବଢ଼ି ଥିବାରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ଆଂଟିଜେନ୍ ଟେଷ୍ଟିଂ ମଧ୍ୟ ବହୁମାତ୍ରାରେ ଚାଲିଛି । ରାଜ୍ୟର ୫୪ଟି ପରୀକ୍ଷାଗାରରେ କୋଭିଡ ଟେଷ୍ଟିଂ ଚାଲିଛି । ଗଂଜାମରେ ଦିନକୁ ୧୫୦୦ରୁ ୨୦୦୦ ଟେଷ୍ଟିଂ କରାଯାଉଛି । ଅଧିକ ପଜିଟିଭ ବାହାରିବାରୁ ଟେଷ୍ଟିଂ ବଢ଼ାଯାଇଛି । କରୋନା ଲକ୍ଷଣ ପ୍ରକାଶ ପାଇଲେ ଟେଷ୍ଟିଂ କରାନ୍ତୁ । ଭିନ୍ନ ସମୟରେ ଜଣେ ଲୋକର ଭିନ୍ନ ରିପୋର୍ଟ ଆସିପାରେ । ରାଜ୍ୟରେ କୋଭିଡ ଟେଷ୍ଟିଂ ସଠିକ ରୂପେ ଚାଲିଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏହା କହିଛନ୍ତି । ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପଣ୍ଡିତ କହିଛନ୍ତି ଯେ ଟେଷ୍ଟିଂର ପ୍ରଥମ ୧୦ ସପ୍ତାହରେ ୧ ଲକ୍ଷ କୋଭିଡ ପରୀକ୍ଷା ହୋଇଥିଲା । ମାତ୍ର ପରବର୍ତୀ ସମୟରେ ୧୦ ଦିନରେ ଏକ ଲକ୍ଷ କୋଭିଡ ପରୀକ୍ଷା କରାଯାଇଥିଲା । ସରକାର ଓ କୋଭିଡ ଯୋଦ୍ଧାଙ୍କ ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି । ମୟୂରଭଂଜ, କଳାହାଣ୍ଡି, ମାଲକାନଗିରି ଓ ରାୟଗଡ଼ା ସମେତ ରାଜ୍ୟର ବିଭିନ୍ନ ଅଂଚଳରେ ଟେଷ୍ଟିଂ ହେଉଛି । ଆଶା ଦିଦିମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି । ଯଦି ଟେଷ୍ଟିଂ ବଢୁଛି, ତେଣୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ । ତେଣୁ ଯେତେଶୀଘ୍ର ଆମେ ଟେଷ୍ଟିଂ ବଢ଼ାଇବା, ସେହିଭଳି ଭାବରେ ସଂକ୍ରମିତ ଚିହ୍ନଟ ହେବେ । କରୋନା ଲକ୍ଷଣ ଦେଖାଗଲେ ଆମକୁ ଜଣାନ୍ତୁ । ଆମର ଟେଷ୍ଟିଂ କରିବାର କ୍ଷମତା ଯଥେଷ୍ଟ ରହିଛି । କରୋନା ମୁକାବିଲା ଲାଗି ସରକାର ସବୁ କ୍ଷେତ୍ରରେ ପ୍ରସ୍ତୁତ ଅଛନ୍ତି । ଆମେ ଦିନକୁ ୨୦ ହଜାର ଟେଷ୍ଟ କରିପାରିବୁ ବୋଲି ଶ୍ରୀମତୀ ପଣ୍ଡିତ କହିଛନ୍ତି । ସେହିପରି ୩୩ ଜଣ ଗୁରୁତରଙ୍କୁ ପ୍ଲାଜମା ଦିଆଯାଇଛି । ପ୍ଲାଜମା ଥେରାପି ପରେ କିଛି ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଗଂଜାମ, ଖୋର୍ଦ୍ଧା ଓ କଟକରେ ଶଯ୍ୟା ସୁବିଧା କରାଯାଇଛି । ନିକଟରେ ୧୦୦୦ ଶଯ୍ୟା ବଢ଼ାଯାଇଛି । ରାଜ୍ୟରେ ୪୦ ବର୍ଷରୁ କମ୍ ୬୪ ପ୍ରତିଶତ ଆକ୍ରାନ୍ତ ହୋଇଛନ୍ତି । ମହିଳାମାନଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସଂକ୍ରମିତ । ରାଜ୍ୟରେ ୬୩ ପ୍ରତିଶତ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ସେ କହିଛନ୍ତି ।

ବାର୍ଷିକ ମରାମତି ପାଇଁ ରିଫାଇନାରୀ ସଟ୍ ଡାଉନ୍ ଘୋଷଣା କଲେ କର୍ତ୍ତୃପକ୍ଷ

ପାରାଦ୍ୱୀପ,୩୦।୭ (ନି.ପ୍ର): ବାର୍ଷିକ ମରାମତି ନିମନ୍ତେ ପାରାଦ୍ୱୀପ ରିଫାଇନାରୀ କୁ ସଟ୍‌ଡାଉନ୍ କରାଯାଇଥିବା ସଂପର୍କରେ ରିଫାଇନାରୀ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଜାରୀ କରାଯାଇଛି । ରିଫାଇନାରୀ ସଟଡାଉନ୍ ହେବା ସହ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାକୁ ଉନ୍ମୋଚନ କରିଛନ୍ତି ନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ ଟିଡିଭିଏସ୍ ଗୋପାଳକ୍ରିଷ୍ଣା କୋଭିଡ୍ ମହାମାରୀ ସମୟରେ ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ମୁକ୍ତ ସଟଡାଉନ୍‌ରେ ମରାମତି କାର୍ଯ୍ୟ କରାଯିବ । ଗତ ୨୦୧୮ ମାର୍ଚ୍ଚରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ମରାମତି ଆବଶ୍ୟକତା ଥିଲା । ଲଗାତର ଭାବେ ଦୁଇବର୍ଷ ନିରବଚ୍ଛିନ୍ନ ଭାବେ ବିଭିନ୍ନ ୟୁନିଟ୍ କାର୍ଯ୍ୟକରୁଛି । ତେଣୁ ଏହାର ମୁଖ୍ୟ ଯନ୍ତ୍ରପାତିର ମରାମତି ହେବା ନିତ୍ୟାନ୍ତ ଜରୁରୀ ଥିଲା । ତେଣୁ କର୍ତ୍ତୃପକ୍ଷ ମରାମତି ନିମନ୍ତେ ସଟ୍‌ଡାଉନ୍ ଦରକାର ପଡୁଥିଲା । ଗତ ଏପ୍ରିଲ୍ ଠାରୁ ସଟ୍‌ଡାଉନ ନିମନ୍ତେ ଯୋଜାନ ହୋଇଥିଲା । କରୋନା ପାଇଁ ଦେଶରେ ସଟଡାଉନ୍ ହେବାରୁ ପାରାଦ୍ୱୀପ ରିଫାଇନାରୀରେ ସଟ୍‌ଡାଉନ୍ ପାଇଁ ବିଳମ୍ବ ହୋଇଥିଲା । ଦେଶରେ ପ୍ରତ୍ୟହ ରନ୍ଧଗ୍ୟାସର ଆବଶ୍ୟକତା ରହିଛି । ଖାଉଟିଙ୍କ ସ୍ୱାର୍ଥରେ ଯେପରି ଆଞ୍ଚ ନ ଆସେ ତାକୁ ମଧ୍ୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇଛନ୍ତି । ୧୫ ଏମ୍‌ଏମ୍‌ଟି ପିଏ ପେଟ୍ରୋଲିୟମ୍ ଉତ୍ପାଦର ଆବାଶ୍ୟକତା ଥିବା ବେଳେ ପାରାଦ୍ୱୀପ ରିଫାଇନାରୀ ତାକୁ ଗୁରୁତ୍ୱର ସହ ନେଇଛି । କେବେଳ ଦେଶରେ ନୁହେଁ ବିଦେଶକୁ (ବାଂଲା ଦେଶ) ମଧ୍ୟ ପେଟ୍ରୋଲିୟମ ଉତ୍ପାଦନ ରପ୍ତାନୀ କରିଛି । ବର୍ତ୍ତମାନ ପରିସ୍ଥିତିରେ ବାହାର ରାଜ୍ୟରୁ ଆସିଥିବା ଶ୍ରମିକ ମାନଙ୍କୁ ଆଇଓସିଏଲ କୋଭିଡ୍ କେୟାର ସେଣ୍ଟର ରେ ରଖାଯାଉଛି । ଯେଉଁମାନଙ୍କର ଲକ୍ଷଣ ଦେଖାଦେଉଛି ସୋମାନଙ୍କର ଚିକିତ୍ସା କରାଯାଉଛି । ବାହାର ରାଜ୍ୟର ଶ୍ରମିକଙ୍କୁ ୧୪ ଦିନିଆ କ୍ୱାରେନ୍‌ଟାଇନ୍‌ରେ ରଖାଯିବାର ବ୍ୟବସ୍ଥା ହୋଇଛି । ସ୍ଥାନୀୟ ଶ୍ରମିକ ମାନେ ଯଦି ବାହାର ରାଜ୍ୟ ଶ୍ରମିକ (କୋରୋନା ସଂକ୍ରମତି)ଙ୍କ ସଂସ୍ପର୍ଶରେ ଆସିନ୍ତି ତେବେ ତାଙ୍କୁ ପଞ୍ଚାୟତ ସ୍ତରୀୟ ଟିଏମ୍‌ସି ରେ ରଖାଯିବ ଏବଂ ରିଫାଇନାରୀ ବ୍ୟୟଭାର ବହନ କରିବ । ଏଦିଗରେ ପୂର୍ଣ୍ଣ ସହ ଯୋଗ ନିମନ୍ତେ ଶ୍ରୀ ଗୋପାଳକିଷ୍ଣା ନିବେଦନ କରିଛନ୍ତି ବୋଲି ରିଫାଇନାରୀ କର୍ତ୍ତୃପକ୍ଷ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ।

ଆଜି ଖୋଲିବ ୟୁନିଟ୍ ୪ ମାର୍କେଟ୍

ଭୁବନେଶ୍ୱର,୩୦।୭ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଠାରୁ ଭୁବନେଶ୍ୱର ୟୁନିଟ୍ ୪ ମାର୍କେଟ୍ ଖୋଲିବ । ମାର୍କେଟ୍ ଖୋଲିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସର୍ତମୂଳକ ଅନୁମତି ଦେଇଛି । ତେବେ ମାର୍କେଟ୍ ଖୋଲିବା ପାଇଁ ବ୍ୟବସାୟୀଙ୍କୁ କୋଭିଡ୍ ଗାଇଡ୍ ଲାଇନ୍ ପାଳନ ପାଇଁ ବିଏମସି ନିର୍ଦ୍ଦେଶ ଦେଇଛି । ଏଥିପାଇଁ ବ୍ୟବସାୟୀ ସଂଘ ଅଣ୍ଡରଟେକିଂ ଦେଇଛି । ଗତ ୧୬ ତାରିଖରୁ ମାର୍କେଟ୍ ବନ୍ଦ ଥିଲା ।

୪ ଥାନାର ବହୁ ମାମଲାରେ ଜଡିତ ଦୁବୁର୍ତ୍ତକୁ ଧରି ପୁଲିସ୍‌କୁ ଗ୍ରାମବାସୀଙ୍କ ହସ୍ତାନ୍ତର

ପିସ୍ତଲ, ବାଇକ୍ ଓ ମୋବାଇଲ୍ ଜବତ୍ : କଟକର ଧଳ ସାମନ